୬ ଧର୍ମଶାଳା ଟେଷ୍ଟରେ ଇଂଲଣ୍ଡକୁ ଧୂଳି ଚଟାଇଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୪୪ ● ୧୦ ମାର୍ଚ୍ଚ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-44 ● 10th March 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24







## ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

# ୧୭ ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର, ୯।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୭ଟି ପ୍ରସ୍ତାବ ଉପରେ ମୋହର ବାଜିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଲୋକସମ୍ପର୍କ , ରାଜସ୍ୱ ଓ ସାଧାରଣ ପ୍ରଶାସନ ପରି ବିଭାଗର ବିଭିନ୍ନ ପ୍ରସ୍ତାବରେ କ୍ୟାବିନେଟ ମୋହର ବାଜିଛି। ରାଜ୍ୟ କ୍ୟାବିନେଟ ରାଜସ୍ୱ ବିଭାଗର ୩ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥି



ସହିତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ଦରମାରେ ପରିବର୍ତ୍ତନ କରାଯିବା ନେଇ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି। ଏଥି ପାଇଁ ରାଜ୍ୟ ସରକାର ୫୦୦ କୋଟି ଖର୍ଚ୍ଚ କରିବେ। ଏଥିରେ ୧ ଲକ୍ଷ ୪ ହଜାରରୁ ଅଧିକ ଶିକ୍ଷକ ଉପକୃତ ହେବେ। ଏହା ସହ କ୍ୟାଡରରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ *(ପୃଷ୍ଠା ୭ରେ)*

# ଆଗକୁ ରାଜ୍ୟର ସବୁ ସହରରେ ମୋ ବସ୍ ସୁବିଧା ମିଳିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର, ୯।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସମ୍ବଲପୁର ଓ ବ୍ରହ୍ମପୁର ସହରରେ ମୋ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଉଭୟ ସହରରେ ଶନିବାର ୧୫ଟି ଲେଖାଏଁ ବସ୍ ଚଳାଚଳ ପାଇଁ ସୁବିଧା କରାଯାଇଛି। ସମ୍ବଲପୁର ସହରରେ ସମ୍ବଲପୁର-ବୁର୍ଲା-ହୀରାକୁଦ ମଧ୍ୟରେ ଏହି ବସ୍ ଚଳାଚଳ କରିବ। ସେହିଭଳି ବ୍ରହ୍ମପୁର ସହରରେ ଏମ୍‌କେସିଜି ମେଡିକାଲ କଲେଜ-ଇଞ୍ଜିନିୟରିଂ ସ୍କୁଲ-ରେଲୱେ ଷ୍ଟେସନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବସ୍ ଚଳାଚଳ କରିବ।

ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ



କହିଛନ୍ତି ଯେ ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର। ୫-ଟି ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡେ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆସିଛି। ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା ନୂଆ ଓଡ଼ିଶା ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆଜି ଆପଣଙ୍କ ସହରରେ ମୋ ବସ୍ ସେବା ଆରମ୍ଭ ହେଲା । ଏହାଦ୍ୱାରା ଆପଣମାନେ ସହର ଭିତରେ ଏବଂ ଆଖପାଖ ଅଞ୍ଚଳକୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯିବାଆସିବା କରି ପାରିବେ। ମୋ ବସ୍ ପାଇଁ ଉଭୟ କ୍ୟାସ ଓ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ବ୍ୟବସ୍ଥା ସହିତ ମୋ ବସ୍ କାର୍ଡ ଟ୍ୟାପ ଆଣ୍ଡ ପେ ସୁବିଧା କରାଯାଇଛି ବୋଲି କହିଥିଲେ। ଏଥିରେ ଯାତ୍ରୀମାନଙ୍କର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମଧ୍ୟ ସେ କହିଥିଲେ। ସମ୍ବଲପୁର ମୋ ବସ୍ ଗୁଡିକରେ ୯୦ ପ୍ରତିଶତ କଣ୍ଡକ୍ଟର ଭାବେ ମା'ମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇଦେବା ମୋ ବସ୍ ସେବାର ଲକ୍ଷ୍ୟ *(ପୃଷ୍ଠା ୭ରେ)*










# ମହିଳାମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ନେଇ ଗୁରୁତ୍ୱ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଜିଲ୍ଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏବର୍ଷର ବାର୍ତ୍ତା ରହିଛି 'ମହିଳାଙ୍କ ଉପରେ ନିବେଶ କରନ୍ତୁ-ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' । ଏହି ଜିଲ୍ଲା ସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଲେ ଯେ ଶିକ୍ଷାର ପ୍ରକୃତ ଅର୍ଥ ହେଉଛି ନୈତିକ ମୂଲ୍ୟବୋଧର ବିକାଶ ତେଣୁ ପ୍ରତ୍ୟେକ ଶିକ୍ଷିତ ନାଗରିକ ନିଜର ମାନସିକତାରେ ପରିବର୍ତ୍ତନ ଆଣିବା ଦରକାର, ଯାହାଫଳରେ ସମାଜରେ ନାରୀମାନେ ଉନ୍ନତିର ଶିଖରରେ ପହଞ୍ଚିପାରିବେ ଓ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ନାରୀ ଓ ପୁରୁଷଙ୍କୁ ସମାନ ଭାବେ କାର୍ଯ୍ୟ କରି କୁସଂସ୍କାରକୁ ଦୂର କରିବା ପାଇଁ ଚେଷ୍ଟା କରିବାକୁ ପ୍ରେରଣା ଦେଇଥିଲେ । ଜିଲ୍ଲାପାଳ ପାରୁଲ ପଟୱାରି ପ୍ରତ୍ୟେକ ଦିନକୁ ମହିଳାମାନଙ୍କ ଦିନ ବୋଲି ଅଭିହିତ କରିଥିଲେ । ସମାଜରେ, ପରିବାରରେ ସବୁବେଳେ ନାରୀମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଦରକାର । ପ୍ରତ୍ୟେକ ନାରୀ ପାଖରେ ଏକ ଅଦ୍ଭୁତ ଶକ୍ତି ରହିଛି ଯାହା ସମସ୍ତ ନକାରାତ୍ମକ ପରିବେଶରେ ମଧ୍ୟ ସକାରାତ୍ମକ ଚିନ୍ତାଧାରା ଉଦ୍ରେକ କରିବାରେ ସମର୍ଥ ବୋଲି ଜିଲ୍ଲାପାଳ କହିଥିଲେ । ଉପସ୍ଥିତ ସମସ୍ତ ମହିଳା ତଥା ଛାତ୍ରଛାତ୍ରୀ ମାନଙ୍କୁ ଏକ ସୁସ୍ଥ ପରିବେଶ ଏବଂ ସମାଜ ଗଠନ ଦିଗରେ କର୍ତ୍ତବ୍ୟଗତ ହେବାପାଇଁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁନନ୍ଦା ପାଢ଼ୀ ମାନସିକ ସ୍ତରରେ ଶକ୍ତ ହୋଇ ଆଇନ୍ ମାଧ୍ୟମରେ ନିଜର ଅଧିକାର ପାଇଁ ଲଢିବାକୁ ଉପସ୍ଥିତ ମହିଳା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

# ସବୁ କ୍ଷେତ୍ରରେ ମହିଳାଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରାଯାଉ:ଜିଲ୍ଲାପାଳ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସପ୍ତାହ ବ୍ୟାପି ଲିଙ୍ଗଗତ ସମାନତା ପାଇଁ ଚାଲିଥିବା ସଚେତନ କାର୍ଯ୍ୟକ୍ରମ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ତରଫରୁ ରାଜା ଚୈତନ୍ୟଦେବ ଉଚ୍ଚ ବିଦ୍ୟାଳୟର ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମହିଳା ଦିବସ ପାଳନ କରାଯାଇଛି । ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁରୁ ମହିଳା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଲେ ଯେ ଆଜିର ଦିନରେ ସମଗ୍ର ବିଶ୍ୱରେ ମହିଳାମାନେ ଏକତ୍ରୀତ ହୋଇ ନିଜର ଅଧିକାରକୁ ସାବ୍ୟସ୍ତ କରୁଛନ୍ତି । ସମାଜରେ ପୁରୁଷ ମହିଳା ମାନଙ୍କ ମଧ୍ୟରେ ସମାନତା ଆଣିବା ନିମନ୍ତେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ଆଲୋଚ୍ୟ ବିଷୟ 'ମହିଳାଙ୍କ ପାଇଁ ନିବେଶ କରନ୍ତୁ- ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' ରହିଛି ବୋଲି ମତବ୍ୟକ୍ତ କରିବା ସହିତ, ଜିଲ୍ଲାରେ କିଶୋରୀ ସଶକ୍ତିକରଣ ନିମନ୍ତେ ଅଙ୍ଗନବାଡି ସ୍ତରରେ ଚାଲୁଥିବା ଅଦ୍ୱିକା କାର୍ଯ୍ୟକ୍ରମର କିଶୋରୀ ବାଳିକା ସରିତା ଗଉଡାଙ୍କୁ ରାଜ୍ୟର ଶ୍ରେଷ୍ଠ ସଖୀ ଭାବରେ ମୁଖ୍ୟମନ୍ତ୍ରୀ ମହିଳା ଦିବସ ଅବସରରେ ପୁରସ୍କୃତ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ଉଦ୍‌ଘାଟନ ଅଭିଭାଷଣରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ସମାଜରେ ସବୁକ୍ଷେତ୍ରରେ ମହିଳା ମାନଙ୍କର ଭାଗିଦାରିତାକୁ ସୁନିଶ୍ଚିତ କରିବା ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହିତ ପୁରୁଷମାନେ ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନ ଦେଇ କାର୍ଯ୍ୟ କରିଲେ ସମାଜରୁ ବିଷମତା ହଟିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ନିଜର ବକ୍ତବ୍ୟରେ ମହିଳାମାନେ ଶିକ୍ଷିତ ହୋଇପାରିଲେ ସମାଜରୁ ଅନ୍ଧବିଶ୍ୱାସ ହଟିବା ସହିତ ପୁରୁଷ ମହିଳାଙ୍କ ମଧ୍ୟରେ ସମତା ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳଙ୍କ ସହଧର୍ମିଣୀ ବବିତା ସର ଯୋଗଦେଇ ସମାଜରେ ହଜାର ବର୍ଷ ଧରି ମହିଳା ମାନଙ୍କ ଉପରେ ହେଉଥିବା ଅନ୍ୟାୟକୁ ମହିଳାମାନେ ନୀରବରେ ସହ୍ୟ ନକରି ଏହାର ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଲୁଟେରାକୁ ଲୋକେ ଧରି ପୋଲିସ ଜିମା ଦେଲେ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରର ବ୍ୟବସାୟୀମାନେ ଜଣେ ଲୁଟେରାକୁ ଧରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜିମା ଦେଇଥିବାର ଜଣାଯାଇଛି । ଦୀର୍ଘ ଦିନ ହେଲା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ହରଡ଼ାବାଜି ଗ୍ରାମର ପ୍ରମୋଦ କୁମାର ସାହୁ ଅସୁରେଶ୍ୱର ବଜାରରେ ଏକ ହାଡ଼ୱେୟାର ଦୋକାନ ଖୋଲି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ । ରାତ୍ର ୮ ଘଟିକା ସମୟରେ ଶ୍ରୀ ସାହୁ ତାଙ୍କ ଦୋକାନ ପାଖରେ ଥିବା ଏକ ଜଳଖିଆ ଦୋକାନକୁ ଖାଇବା ନିମନ୍ତେ ଯାଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ଏକ ସ୍କୁଟି ଡିକିରେ ପୁରାଇ ଏକ ଟ୍ରୁଲମଟର ପାଇପ୍ ଏବଂ ୩ ହଜାର ଟଙ୍କା ଲୁଟିନେଇ ପଳାଇ ଯାଉଥିଲେ । ଶ୍ରୀ ସାହୁ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲୁଟେରାକୁ ଗାଡି ସହ ଧରି ଉତ୍ତମ ମଧ୍ୟମ ଦେଇଥିଲେ । ସମ୍ପୃକ୍ତ ଲୁଟେରା ନାମ ନିରଞ୍ଜନ ଦାସ । ତା ଘର ଜଗତସିଂହପୁର ଜିଲ୍ଲା ରାହାମା ଅଞ୍ଚଳର ବୋଲି ଜଣାଯାଇଛି । ଏ ସମ୍ପର୍କରେ ଶ୍ରୀ ସାହୁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ନିରଞ୍ଜନକୁ ଗାଡି ସହ ଥାନାରେ ଅଟକ ରଖିଥିବାର ଜଣାଯାଇଛି ।

# ପଞ୍ଚାୟତ ସମିତି ବୈଠକରେ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ପଞ୍ଚାୟତ ସମିତିର ୬ଷ୍ଠ ସମିତି ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବିଡ଼ିଓ ବନବିହାରୀ ଦିନ୍ଦା ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ରାଜ୍ୟ ସରକାରଙ୍କ ଯେଉଁ ନଦୀବନ୍ଧ ଯୋଜନାରେ ସୁଦୃଢ଼ୀକରଣ ପାଇଁ ଉଦ୍ୟମ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଅପରପକ୍ଷେ ପଞ୍ଚାୟତ ସମିତି ବୈଠକକୁ ଅଧିକାଂଶ ଅଧିକାରୀମାନେ ଆସୁନଥିବାରୁ ସେମାନଙ୍କପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଧାୟକ ପ୍ରକାଶ କରିଥିଲେ । ପଞ୍ଚାୟତ ସମିତି ବୈଠକରେ ସମସ୍ତ ସଭ୍ୟମାନେ ଏକ ହୋଇ ବ୍ଲକ୍‌କୁ ରାଜ୍ୟର ଏକ ନମ୍ବର କରିବା ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ସମସ୍ତଙ୍କୁ ନିବେଦନ କରିଥିଲେ । ଉକ୍ତ ବୈଠକରେ ପାନୀୟ, ଖାଦ୍ୟ, ଶିକ୍ଷା, ଗ୍ରାମ୍ୟ ରାସ୍ତା ଉପରେ ଆଲୋଚନା କରାଯାଇଥିଲା । ଗ୍ରାମାଞ୍ଚଳରେ ନଳକୂପ ଓ ପାନୀୟଜଳ ବିପର୍ଯ୍ୟସ୍ତ ହୋଇଛି । ବ୍ଲକକୁ ଆସୁଥିବା ପାନୀୟ ଜଳ ପାଇଁ ଅର୍ଥ ହରିଲୁଟ୍ ହେଉଛି ବୋଲି ପଧାନୀ ପଞ୍ଚାୟତ ସରପଞ୍ଚ ଅଶୋକ ପୁହାଣ ଅଭିଯୋଗ କରିଥିଲେ । ସେହିପରି ଅନେକ ହିତାଧିକାରୀ ରାସନ ଚାଉଳ ପାଉନାହାଁନ୍ତି, ପିଏମ୍ କିଶନ ଓ କାଳିଆ ଯୋଜନାରେ ପ୍ରକୃତ ହିତାଧିକାରୀ ଅର୍ଥ ପାଉନାହାନ୍ତି ବୋଲି ସରପଞ୍ଚ ସୀତାକାନ୍ତ ମିଶ୍ର, ଅନ୍ତର୍ଯ୍ୟାମୀ ପତି, ଅଶୋକ ପୁହାଣ, ସମିତି ସଭ୍ୟ ବିଦ୍ୟାଧର ରାଉତ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଅଭିଯୋଗ କରିଥିଲେ । ଏହି ବୈଠକରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଉର୍ମିଳା ବିଶ୍ୱାଳ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ତହସିଲଦାର ଦୀପକ ଦାସ, ସିଡ଼ିପିଓ ଶର୍ମିଷ୍ଠା ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରକାଶଥାଉକି ଉକ୍ତ ବୈଠକରେ କେତେକ ସରପଞ୍ଚ ଓ ସମିତି ସଭ୍ୟ ଏବଂ ସରକାରୀ ଅଧିକାରୀ ଅନୁପସ୍ଥିତ ଥିବାର ଦେଖିବାକୁ ମିଳିଥିଲା । ତେବେ ଶାନ୍ତି ଶୃଙ୍ଖଳା ସହ ଉକ୍ତ ବୈଠକ ଶେଷ ହୋଇଥିଲା ।

# ବିନା ନୋଟିସ୍‌ରେ ୩ ପରିବାରର ଘର ଉଚ୍ଛେଦ, ପ୍ରତିବାଦରେ ସିଏମ୍‌ସି କାର୍ଯ୍ୟାଳୟ ଘେରାଉ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମାରିଆ ବଜାର ନାଳବନ୍ଧରେ ରହୁଥିବା ୩ଟି ପରିବାରକୁ କୌଣସି ଅଗ୍ରୀମ ନୋଟିସ୍ କିମ୍ବା ସୂଚନା ନଦେଇ ତାଙ୍କ ଘରକୁ ଭାଙ୍ଗିଦେଲା କଟକ ମହାନଗର ନିଗମ । ୱାଇ ଲକ୍ଷ୍ମଣ ରାଓ, ୱାଇ ଲକ୍ଷ୍ମୀ, ୱାଇ ଜେ ରାଓଙ୍କ ପରିବାର ତେଲୁଗୁ ସମାଜର ହୋଇଥିବା ବେଳେ ଏମାନେ ଦୀର୍ଘ ୮୦ ବର୍ଷ ଧରି ମେରିଆ ବଜାର ନାଳ ବନ୍ଧ ଅଞ୍ଚଳରେ ରହିଆସୁଥିଲେ । ଗତ କିଛିବର୍ଷ ହେବ ଜାଇକା କାମ ଓ ବକ୍ସ ଡ୍ରେନ୍ କାମ ହେଉଥିବା ବେଳେ ମଧ୍ୟ ସେମାନେ ସେହି ଅଞ୍ଚଳରେ ରହି ଆସୁଥିଲେ । ହେଲେ ୪ ତାରିଖ ଦିନ ସକାଳୁ ଜେସିବି ମେସିନ୍ ଓ ପୋଲିସ ସହାୟତାରେ ବଳପୂର୍ବକ ଏହି ତିନି ପରିବାର ରହୁଥିବା ଘର ଗୁଡ଼ିକ ଭାଙ୍ଗି ଦେଇଥିଲେ । ବିନା କୌଣସି ସୂଚନା ଦେଇ ଭାଙ୍ଗିବା ଓ ପରେ ତାଙ୍କୁ ନେଇ ଭଙ୍ଗା ଘରେ ଅସ୍ଥାୟୀ ଭାବେ ଥଇଥାନ କରିଥିଲା କଟକ ମହାନଗର ନିଗମ । ଏହାପରେ ନାହିଁନଥିବା ଅସୁବିଧା ହେବାରୁ ସେହି ମେରିଆ ବଜାର ଅଞ୍ଚଳରେ ରାସ୍ତା କଡ଼ରେ ପରିବାର ଜୀବନ କାଟୁଛନ୍ତି । ଏହାକୁ ବିରୋଧ କରି କଟକ ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ କରିଛନ୍ତି ହିନ୍ଦୁସେନା ସଂଗଠନ ଓ କ୍ଷତିଗ୍ରସ୍ତ ପରିବାର । ତୁରନ୍ତ କ୍ଷତିପୂରଣ ସହ ରାଜ୍ୟ ସରକାରଙ୍କ ଜାଗା ମିଶନ ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି । ଯେହେତୁ ସରକାରୀ ଜାଗାରେ ସେମାନେ ରହୁଥିଲେ ସେଥିପାଇଁ ତାଙ୍କର ଘର ଗୁଡ଼ିକ ବିନା ନୋଟିସ୍‌ରେ ଭଙ୍ଗାଯାଇଛି । ହେଲେ ସେମାନେ ଯେଉଁ ଅଭିଯୋଗ ଦେଇଛନ୍ତି ତାହାକୁ ଆମେ ଗ୍ରହଣ କରିବା ସହ କମିଶନରଙ୍କୁ ଏନେଇ ଅବଗତ କରାଇବୁ ଓ ଯାହା ବ୍ୟବସ୍ଥା ସମ୍ଭବ ହେବ ତାହା କରିବୁ ବୋଲି କହିଛନ୍ତି କଟକ ମହାନଗର ନିଗମର ଡେପୁଟି କମିଶନର ।

# ରାଇଘରରେ ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ ପରିସରରେ ନୂଆ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ରାଇଘର ବ୍ଲକ ଅଧ୍ୟକ୍ଷା ନବିନା ନାୟକ, ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀସାଗର ମାଝି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ବିଶି, ଜିଲ୍ଲା ପରିଷଦ ସଭ୍ୟ ନାନାରା ଖରା ଓ ଖଗେଶ୍ୱର ହରିଜନ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ପୂର୍ବରୁ ବିଜୁ ସ୍ୱାସ୍ଥ୍ୟକାର୍ଡ ପାଇନଥିବା ପ୍ରାୟ ୬୩୪ଜଣଙ୍କୁ ନୂଆ ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଇଘର ବ୍ଲକ ପାରୁଆ ପଞ୍ଚାୟତ ପିଇଓ କମଳସିଂ ରାଜପୁତ ସଭାପତିତ୍ୱ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଯୋଗାଣ ଅଧିକାରୀ ଦୀପକ କୁମାର ପାତ୍ର ଓ ସହାୟକ ପୁରୁଷୋତ୍ତମ ଶର୍ମା ପରିଚାଳନା କରିଥିଲେ । ବ୍ଲକର ୨୬ ଗୋଟି ପଞ୍ଚାୟତର ପିଇଓ, ଜିଆରଏସ, ଯୋଗାଣ ସହାୟକ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# 'ଲିଙ୍ଗଗତ ସମାନତାର ପ୍ରସାର ପାଇଁ ଆଇଆଇଏମ୍ ସମ୍ବଲପୁରର ଲକ୍ଷ୍ୟ'

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**




ଭାରତର ଅନ୍ୟତମ ପ୍ରମୁଖ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରରେ ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଉଲ୍ଲେଖନୀୟ ସଫଳତାକୁ ସମ୍ମାନିତ କରାଯାଇଥିଲା । 'ମହିଳାଙ୍କ ଠାରେ ନିବେଶ: ପ୍ରଗତିକୁ ତ୍ୱରାନ୍ୱିତ କରନ୍ତୁ' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜୀବନର ସମସ୍ତ ଦିଗରେ ମହିଳା ମାନଙ୍କୁ ସଶକ୍ତ କରିବା ଏବଂ ସମର୍ଥନ କରିବାର ଗୁରୁତ୍ୱକୁ ସ୍ୱୀକାର କରିବା । ଏହି କାର୍ଯ୍ୟକ୍ରମ ଏକ ଅଧିକ ସମାନ, ସମାବେଶୀ ଏବଂ ସମୃଦ୍ଧ ବିଶ୍ୱ ଗଠନ ଦିଗରେ ସାମୂହିକ ପ୍ରୟାସ ପାଇଁ କାର୍ଯ୍ୟ କରିବା ଲାଗି ଏକ ଶକ୍ତିଶାଳୀ ଆହ୍ୱାନ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା । ଆଇଆଇଏମ୍ ସମ୍ବଲପୁର ପ୍ରଥମ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭାବେ ଲିଙ୍ଗଭିତିକ ଶ୍ରେଣୀଗୃହ ବିଷୟରେ ଆଲୋଚନା ଆରମ୍ଭ କରିଛି ଯେଉଁଥିପାଇଁ ଏହା ଅନେକ ପଦକ୍ଷେପ ଗ୍ରହଣ କରିଛି । ଅନୁଷ୍ଠାନରେ ପ୍ରଶାସନିକ କର୍ମଚାରୀ ମଧ୍ୟ ଅଛନ୍ତି ଯେଉଁଥିରେ ମହିଳାମାନେ ଉଲ୍ଲେଖନୀୟ ଅଂଶଗ୍ରହଣ କରୁଛନ୍ତି ଏବଂ ନେତୃତ୍ୱରେ ଅନ୍ତର୍ଭୁକ୍ତ ଚିନ୍ତାଧାରାକୁ ପ୍ରୋତ୍ସାହିତ କରୁଛନ୍ତି । ଏହି ଅବସରରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକଙ୍କ ସମେତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସମାଜ ପ୍ରତି ମହିଳାଙ୍କ ଅବଦାନକୁ ହୃଦୟରୁ ସ୍ୱୀକୃତି ଦେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ତାଙ୍କ ଅଭିଭାଷଣରେ ଉଭୟ ଛାତ୍ର ଓ ଅଧ୍ୟାପକଙ୍କ ମଧ୍ୟରେ ଲିଙ୍ଗଗତ ସମାନତା ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଛନ୍ତି ଯେ, 'ଆଇଆଇଏମ୍ ସମ୍ବଲପୁର ଏହାର କ୍ୟାମ୍ପସରେ ଲିଙ୍ଗଗତ ସମାନତାରେ ଉନ୍ନତି ଆଣିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ନେଇଛି । ଏଥିରେ ଉଭୟ ଛାତ୍ରଛାତ୍ରୀ ଓ ଅଧ୍ୟାପକ ୫୦ ପ୍ରତିଶତ ପୁରୁଷ ଓ ୫୦ ପ୍ରତିଶତ ମହିଳା ରହିଛନ୍ତି । ଏକ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ହିସାବରେ ଏହି ଲିଙ୍ଗଗତ ସମାନତାକୁ ଜାତୀୟ ଏଜେଣ୍ଡାରେ ଆଣିବା ଆମର ଦାୟିତ୍ୱ । ପ୍ରଫେସର ଜୟସ୍ୱାଲ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଲିଙ୍ଗଗତ ଅସମାନତା ସୂଚକାଙ୍କ (ଜିଆଇଆଇ) ରିପୋର୍ଟରେ ଦିଆଯାଇଥିବା ଆଲୋକପାତ ଏବଂ ମହିଳାମାନଙ୍କ ପାଇଁ ସମାନ ସୁଯୋଗ ଏବଂ ଉନ୍ନତ ଉପଲବ୍ଧତା ପାଇଁ ପରାମର୍ଶ ଦେଇ ସମ୍ଭାବ୍ୟ ଅର୍ଥନୈତିକ ଲାଭକୁ ଉଦାହରଣ ଦେଇ ଜାତୀୟ ସ୍ତରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ବିକଶିତ ରାଷ୍ଟ୍ର ହେବା ପାଇଁ କର୍ମଶକ୍ତି, ଶିକ୍ଷା ଏବଂ ରାଜନୈତିକ ନେତୃତ୍ୱରେ ଅଧିକ ପ୍ରତିଶତ ମହିଳାଙ୍କୁ ଆଣିବା ପାଇଁ ପଦକ୍ଷେପ ନେଇ ଭାରତକୁ ଜିଆଇଆଇରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ।

# ତନ୍ତିଆପାଳ ଅଞ୍ଚଳରୁ ବୃଦ୍ଧଙ୍କ ଶବ ଉଦ୍ଧାର

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରୁ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପୋଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନେଇଛି । ଘଟଣାରୁ ପ୍ରକାଶ ଗୁରୁବାର ଜଗତଜୋର ଓ ତନ୍ତିଆପାଳ ସାମୁଦ୍ରିକ ଥାନା ରାସ୍ତାର ୱାର୍ଲ୍ଡ ବ୍ୟାଙ୍କ ପ୍ରକଳ୍ପ ପାଖ ଅଞ୍ଚଳରେ ରାସ୍ତା ଉପରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିରହିଥିବା ନଜରକୁ ଆସିଥିଲା । ଏହାପରେ ତୁରନ୍ତ ଏ ସମ୍ପର୍କରେ ତନ୍ତିଆପାଳ ସାମୁଦ୍ରିକ ଥାନାକୁ ଖବର ଦିଆଯାଇଥିଲା । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବର ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନେଇଥିବା ବେଳେ ଶୁଣିବାକୁ ମିଳୁଛି । ବୃଦ୍ଧ ଜଣକ କୁଆଡ଼େ ଅଣଓଡ଼ିଆ । ମହାକାଳପଡ଼ା, ରାଜନଗର ବ୍ଲକ ଅଞ୍ଚଳରେ ଏହି ବୃଦ୍ଧ ଜଣକ କିଛିଦିନ ହେଲା ଘୁରିବୁଲୁଥିବା ଲୋକମାନେ କୁହାକୁହି ହେଉଛନ୍ତି । ତେବେ କିଭଳି ଓ କେଉଁ ପରିପ୍ରେକ୍ଷୀରେ ରାସ୍ତା ଉପରେ ବୃଦ୍ଧ ଜଣକ ମରିପଡ଼ିଲେ ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେ ମାନସିକ ସୁସ୍ଥ ଥିଲେ ନା ଶାରୀରିକ ଦୃଷ୍ଟିକୋଣରୁ ଅସୁସ୍ଥ ଥିଲେ ଯାହାକି ଏବେ ତନ୍ତିଆପାଳ ସାମୁଦ୍ରିକ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

# ଭିନ୍ନକ୍ଷମ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଖୁବ୍‌ଶୀଘ୍ର ହେଉ:କଂଗ୍ରେସ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ସମସ୍ତଙ୍କର ମୌଳିକ ଅଧିକାର, ଶିକ୍ଷାର ଗୁରୁତ୍ୱ ସବୁଠାରୁ ଅଧିକ । ଜଣେ ଭିନ୍ନକ୍ଷମ ବିଦ୍ୟାର୍ଥୀ ମଧ୍ୟ ତାର ଶିକ୍ଷା ସାଧାରଣ ବିଦ୍ୟାର୍ଥୀ ପରି ପାଇବାର ଆବଶ୍ୟକତା ଅଛି ଏବଂ ତାର ମୌଳିକ ଅଧିକାର । ଓଡ଼ିଶାରେ ପ୍ରାୟ ୬୮୦୦୦ ସାଧାରଣ ବିଦ୍ୟାଳୟ ଅଛି ଏବଂ ୧ ଲକ୍ଷ ୪୬ ହଜାର ୩୬୪ ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଛନ୍ତି । କିନ୍ତୁ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଉପଯୁକ୍ତ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କର ଅଭାବ ରହିଛି ବୋଲି ପ୍ରଦେଶ କଂଗ୍ରେସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଭିନ୍ନକ୍ଷମ ବିଭାଗର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି । ଏହି ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ପାଇଁ ଉଚ୍ଚତମ ନ୍ୟାୟାଳୟ ଏକ ରାୟ ଶୁଣାଣି କରି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ବିଶ୍ୱାଳ କହିଛନ୍ତି ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ଏବଂ ଅନ୍ତର୍ନିବେଶୀ ଶିକ୍ଷା ନୀତି ଅନୁସାରେ ନିୟମ ଓ ପ୍ରବନ୍ଧ ରହିଛି । ରାଜ୍ୟ ସରକାର ଭିନ୍ନକ୍ଷମ ଅଧିକାର ଆଇନ୍ ଅର୍ନ୍ତଗତ ନିୟମ ଲାଗୁତ କରୁଛନ୍ତି କିନ୍ତୁ ଏହାକୁ ସଠିକ୍ ରୂପେ ପରିଚାଳନା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନାହାଁନ୍ତି ଯାହା ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ବୈମାତୃକ ମନୋଭାବ ପୋଷଣ କରିବାର ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ବିଶ୍ୱାଳ ଅଭିଯୋଗ କରିଛନ୍ତି । ଭାରତୀୟ ପୁନର୍ବାସ ପରିଷଦର ବୈଧାନିକରେ ଉଲ୍ଲେଖ ଅଛି ଯେ, ଭିନ୍ନକ୍ଷମ ବିଦ୍ୟାର୍ଥୀ ମାନଙ୍କୁ କେବଳ ସ୍ୱତନ୍ତ୍ର ଶିକ୍ଷାରେ ପ୍ରଶିକ୍ଷଣ ନେଇ ଭାରତୀୟ ପୁନର୍ବାସ ପରିଷଦରେ ନାମ ପଞ୍ଜିକରଣ କରିଥିବା ଶିକ୍ଷକ ହିଁ ଶିକ୍ଷାଦାନ କରିପାରିବେ କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି, ତାହାଲେ ବିଦ୍ୟାଳୟରେ ନାମ ଲେଖାଇଥିବା ୧ ଲକ୍ଷ ୪୬ ହଜାର ୩୬୪ ଦିବ୍ୟାଙ୍ଗ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କୁ ପଢ଼ାଉଛନ୍ତି କିଏ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ବିଶ୍ୱାଳ । ଏ ଦିଗରେ ସୁପ୍ରିମକୋର୍ଟ ଦୁଇ ବର୍ଷ ମଧ୍ୟରେ ୮ଥର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ତାଙ୍କର ଅପାରଗତାକୁ ଲୁଚାଇବାକୁ ଯାଇ ମିଥ୍ୟା ସତ୍ୟପାଠ ଦାଖଲ କରି ସୁପ୍ରିମକୋର୍ଟକୁ ଭ୍ରମିତ କରିବା ପାଇଁ ଯେଉଁ ଉଦ୍ୟମ କରୁଛନ୍ତି କଂଗ୍ରେସ ଏହାକୁ ଦୃଢ଼ ଭାବରେ ନିନ୍ଦା କରୁଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପିସିସି ପ୍ୟାନେଲିଷ୍ଟ ଶୁଭେନ୍ଦୁ ଶେଖର ମଲ୍ଲିକ ଓ ଓଡ଼ିଶା ସ୍ୱତନ୍ତ୍ର ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ଉପସ୍ଥିତ ଥିଲେ ।

# ଶବକୁ କାନ୍ଧରେ ବୋହିଲେ ପରିଜନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବାରିପଦା ସହରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ପୋଷ୍ଟ ମୋର୍ଟମ ହୋଇଥିବା ଏକ ଶବର ସମ୍ପର୍କୀୟ ଏବଂ ଘରଲୋକେ ପୋଷ୍ଟ ମୋର୍ଟମ ପରେ ଶବକୁ କାନ୍ଧରେ ବୋହି ନେଉଥିବାର ଦେଖାଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ତିନି ଦିନ ପୂର୍ବରୁ ବାରିପଦା ସଦର ଥାନା ଅଧିନ ଦାମଦରପୁର ସ୍ଥିତ ଜଣଙ୍କ ଘର ଭିତରୁ କାର୍ତ୍ତିକ ବିନ୍ଧାଣିଙ୍କ ପୁଅ ପ୍ରକାଶ ବିନ୍ଧାଣିଙ୍କ ଶବ ଉଦ୍ଧାର ହୋଇଥିଲା । ଏନେଇ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ, ମୃତକଙ୍କ ପରିବାର ପକ୍ଷରୁ ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ଅନୁସନ୍ଧାନ କରି ତୁରନ୍ତ ଦୋଷୀକୁ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି । ପୋଷ୍ଟ ମୋର୍ଟମ ପରେ ଶବ ନେବା ପାଇଁ ଗାଡି ଖୋଜି ନମିଳିବାରୁ ଶବକୁ ପରିଜନ କାନ୍ଧରେ ବୋହିନେଇ ବାରିପଦା ସଦର ଥାନା ନିକଟକୁ ଯାଉଥିଲେ । ତେବେ ଶବର ପରିଜନ ଶବକୁ କାନ୍ଧରେ ବୋହି ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରୁ ବାରିପଦା ସଦର ଥାନାକୁ ଚାଲି ଚାଲି ଯାଉଥିବା ବେଳେ ପୋଲିସ ପକ୍ଷରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ରହିନଥିଲେ । ଶେଷରେ ପୋଲିସ ପକ୍ଷରୁ ଶବକୁ ପୋଲିସ ଭେନ୍‌ରେ ପାଲବଣି ନିକଟରୁ ସଦରଥାନାକୁ ନିଆଯାଇଥିଲା । ପରେ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ପୋଲିସ ଉପସ୍ଥିତିରେ ପରିଜନ ଶବ ସଂସ୍କାର କରିଥିବାର ଜଣାଯାଇଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୩।୨୦୨୪, ଫାଲ୍‌ଗୁନ ଦ୨୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୬।୦୦।୦୫** **ଚନ୍ଦ୍ରୋଦୟ- ନାସ୍ତି**

ଅମାବାସ୍ୟା - ଦିଘ ୨।୩୨ ପର୍ଯ୍ୟନ୍ତ । ପୂର୍ବଭାଦ୍ର ନକ୍ଷତ୍ର- ରାଘ ୧।୫୬ ପର୍ଯ୍ୟନ୍ତ, କୁମ୍ଭ ଚନ୍ଦ୍ର - ରାଘ ୮।୪୦ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ରାଘ ୮।୪୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୮।୪୦ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୨।୩୨ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୩ ଗତେ ଘ ୯।୫୮ ମଧ୍ୟେ, ଦିଘ ୧।୨୫ ଗତେ ଘ ୧।୫୫ ମଧ୍ୟେ ।



**ମେଷ:** ଶତ୍ରୁ ପରାସ୍ତ କରିବେ । ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଯାନବାହାନ କ୍ରୟ କରିବେ । କାର୍ଯ୍ୟ ହାସଲ କରିପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ ।



**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ । ବିଭିନ୍ନ ସ୍ତରରୁ ସମ୍ମାନିତ ହେବେ । ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ବନ୍ଧୁ ଦର୍ଶନ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଶୁଭ । ମାଲିମୋକଦ୍ଦମାରେ ବିଜୟୀ ହେବାର ସୂଚନା ।



**କର୍କଟ:** କୁକର୍ମରେ ଦୃଢ଼ ପଦକ୍ଷେପ ନେବେ । ପ୍ରତିଯୋଗିତାରେ ସଫଳତା ମିଳିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ରୋଜଗାର ମଧ୍ୟମ ଧରଣର ହେବ ।



**ସିଂହ:** ମନସ୍କାମନା ପୂର୍ଣ୍ଣ ହେବ । ଧର୍ମ ମାର୍ଗରେ ଚାଲିବେ । ଧନ ଲାଭର ସୁଯୋଗ । ନୂତନ କର୍ମାରମ୍ଭ ପାଇଁ ଦିନଟି ଉତ୍ତମ । ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ । ପାରିବାରିକ ସହଯୋଗ ଲାଭ ହେବ ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଶୁଭ କାର୍ଯ୍ୟ ପାଇଁ ଦୂରକୁ ଯାତ୍ରା କରିବେ । ସୁନାମ ଅର୍ଜନ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ ।



**ତୁଳା:** ଶତ୍ରୁ ପରାଜିତ ହୋଇ ଶରଣାଗତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଶୁଭ ଖବର ପାଇବେ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । କର୍ମକ୍ଷେତ୍ରରେ ସିଦ୍ଧି ଲାଭ କରିବେ । ଆୟର ପରିମାଣ ବଢ଼ିବ ।



**ବିଛା:** ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ମିଳନର ସମ୍ଭାବନା । ଅଧିକ ପରିଶ୍ରମ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଠକାମିର ଶିକାର ହୋଇପାରନ୍ତି । ରୋଜଗାର ଭଲ ହେବ ।



**ଧନୁ:** ଗୁରୁ ଦାୟିତ୍ୱ ବହନ କରି କାର୍ଯ୍ୟ କରିବେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଗୁରୁଙ୍କ କୃପା ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ଗୃହେ ଆନନ୍ଦ ଓ ଶାନ୍ତି ଲାଭ କରିବେ ।



**ମକର:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଉତ୍ତମ ଅଟେ । ମନ ଚଞ୍ଚଳ ହେବ । ଶତ୍ରୁ ନାଶ ହେବେ । ପରିବାରରେ ଶାନ୍ତି ମିଳିବ । ଦେବ ଦର୍ଶନର ସୁଯୋଗ ମିଳିପାରେ ।



**କୁମ୍ଭ:** ସଦାଚାରୀ ହେବେ । ସୁସମ୍ବାଦ ପ୍ରାପ୍ତ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ସର୍ବଗୁଣ ସମ୍ପନ୍ନ ହେବେ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ମୀନ:** ଉତ୍ତମ ଆୟ ପ୍ରାପ୍ତ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦେହ ଓ ମନ ସୁସ୍ଥ ରହିବ । କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତ ହେବ । ଗୃହେ ଶାନ୍ତି ଲାଭ ।



# ଅଟୋ ସହ ୧୫୦ ଲିଟର ଆସ୍କା-୪୦ ଜବତ:ବେପାରୀ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଭାବେ ଆସ୍କା-୪୦ ମଦ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରା ପଡ଼ିଛି ଜଣେ ବେପାରୀ । ତା ନିକଟରୁ ୩୦ଟି ପେଟିରେ ଥିବା ୧୫୦ ଲିଟର ମଦକୁ ଜବତ କରିବା ସହ ଚାଲାଣରେ ବ୍ୟବହୃତ ଅଟୋକୁ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି ବାରଙ୍ଗ ଥାନା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି କଟକ ହରିପୁର ଅଞ୍ଚଳର ଅକ୍ଷୟ କୁମାର ଜେନା (୪୫) । ସୂଚନା ଅନୁଯାୟୀ ବୁଧବାର ଗୋଡ଼ିସାହି ପଟୁ କଟକ ଅଭିମୁଖେ ଏକ ଅଟୋରେ ୩୦ଟି ପେଟି ଆସ୍କା-୪୦ (ଗୋଟିଏ ପେଟିରେ ୨୫ ଗୋଟି) ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାରଙ୍ଗ ପୋଲିସ ତ୍ରିଶୂଳିଆ ସୁବାଷ ସେତୁ ଉପରେ ଛପି ବସିଥିଲେ । ଏହି ସମୟରେ ଅଟୋରେ ମଦ ନେଇ ଆସୁଥିବା ଅକ୍ଷୟ ପୋଲିସକୁ ଦେଖି ଭୟଭୀତ ହୋଇ ଅଟକି ଯାଇଥିଲେ । ପୋଲିସ ଏତେ ମାତ୍ରାରେ ମଦ ଦେଖି ଏହାର ଲାଇସେନ୍ସ ମାଗିଥିଲେ । ହେଲେ ଅକ୍ଷୟ କୌଣସି କାଗଜ ପତ୍ର ଦେଖାଇ ପାରିନଥିଲେ । ଫଳରେ ପୋଲିସ ତାଙ୍କୁ ସେଠାରୁ ଗିରଫ କରିବା ସହ ମଦ ସମେତ ଅଟୋକୁ ଜବତ କରି ଥାନାକୁ ଆଣିଥିଲେ । ପରେ ବାରଙ୍ଗ ଥାନା ପୋଲିସ କେସ୍ ନଂ ୧୧୩/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅକ୍ଷୟକୁ ଅଦାଳତ ଚାଲାଣ କରିଥିଲେ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# କର୍ପୋରେଟ୍ ଜଗତରେ ଜିଏସଟି ଆତଙ୍କ

କର୍ପୋରେଟ୍ ଜଗତ ପାଇଁ ନୂଆବର୍ଷ ଖୁସି ଆଣିବା ବଦଳରେ ଚିନ୍ତାର କାରଣ ପାଲଟିଛି। ବହୁ ସଂଖ୍ୟାରେ କଂପାନିକୁ ଜିଏସ୍‌ଟି ନୋଟିସ୍ ମିଳିଛି। ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ୮୦୬ କୋଟି ଟଙ୍କାର ନୋଟିସ୍ ମିଳିଥିଲା। ପ୍ରଥମେ ମହାରାଷ୍ଟ୍ର ଓ ପରେ ତେଲେଙ୍ଗାନା ପକ୍ଷରୁ ଏଲ୍‌ଆଇସିକୁ ଜିଏସ୍‌ଟି ନୋଟିସ୍ ପଠାଯାଇଛି। ସେହିପରି, ହିନ୍ଦୁସ୍ତାନ ୟୁନିଲିଭରକୁ ୪୪୭.୫ କୋଟି ଟଙ୍କାର ଜିଏସ୍‌ଟି ନୋଟିସ୍ ମିଳିଛି। ପାଞ୍ଚଟି ରାଜ୍ୟ ଏହି ନୋଟିସ୍ ପଠାଇଛନ୍ତି। ଜୋମାଟୋକୁ ୪୦୨ କୋଟି ଟଙ୍କାର ନୋଟିସ୍ ମିଳିଛି। ଆଇସର ମୋଟର୍ସ, ଏସିଆନ ପେଣ୍ଟ୍‌ସ, ନେସ୍‌ଲେ ଇଣ୍ଡିଆ ଏବଂ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍‌କୁ ମଧ୍ୟ ଜିଏସ୍‌ଟି ନୋଟିସ୍ ମିଳିଛି। ଗେମିଂ ଶିଳ୍ପକୁ ୧.୫ ଲକ୍ଷ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଥିବା ବେଳେ ବୀମା ଶିଳ୍ପକୁ ୫,୫୦୦ କୋଟି ଟଙ୍କା ଏବଂ ରିଅଲ ଇଷ୍ଟେଟ୍ ଶିଳ୍ପକୁ ୨୦୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରାଯାଇଛି। ଟିକସ ନୋଟିସ୍ ପାଇଥିବା କଂପାନିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ସେମାନେ ଗୁରୁତ୍ୱପୂର୍ଣ୍ଣ କାମ ଉପରୁ ଧ୍ୟାନ ହଟାଇ ଟିକସ ସମସ୍ୟାର ସମାଧାନ କରିବା ଉପରେ ମନୋନିବେଶ କରିଛନ୍ତି। କିଛି କଂପାନି ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଓ ମିଶ୍ରଣକୁ ଟାଳି ଦେଇଥିବା ବେଳେ ଆଉ କିଛି ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରୁଛନ୍ତି। ଯାହା ଜଣାପଡ଼ୁଛି ପ୍ରଯୁକ୍ତିକୁ ବ୍ୟବହାର କରି ଏକାଧିକ ନୋଟିସ୍ ପଠାଯାଇଛି। କମ୍ପ୍ୟୁଟରରୁ ସୃଷ୍ଟି ହୋଇଥିବା ଏହି ନୋଟିସ୍‌ଗୁଡ଼ିକ ପଛରେ ମାନବ ହସ୍ତକ୍ଷେପ ନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି ନୋଟିସ୍‌ଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମଧ୍ୟ କରାଯାଇନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ମହିଳାଙ୍କ କ୍ଷେତ୍ରରେ ବିନିଯୋଗ - ସମାଜର ପ୍ରଗତିକୁ ତ୍ୱରାନ୍ୱିତ କରିବ



ନିହାର ରଞ୍ଜନ ଆଚାର୍ଯ୍ୟ
ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଟ୍ରଷ୍ଟ - ଏକ ସମାଜସେବା ଅନୁଷ୍ଠାନ
ଦୂରଭାଷ: ୮୨୪୯୭୭୫୮୧୭

ସୁସ୍ଥ ସମାଜ ଗଠନରେ ନାରୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସମାଜରେ ନାରୀର ଭୂମିକା ବହୁବିଧ । ସେ ଏକାଧାରରେ ଜନନୀ, ଜାୟା, ଭଗିନୀ । ସେ ଶକ୍ତିମୟୀ, ସୃଷ୍ଟିକାରିଣୀ ଓ ସଂହାରକାରିଣୀ । ନାରୀ ଓ ପୁରୁଷର ମଧୁର ମିଳନରୁ ସମାଜର ସୃଷ୍ଟି ଓ ବିକାଶ । ସମାଜର ବିକାଶ କ୍ଷେତ୍ରରେ ନାରୀର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ନାରୀ ଶିକ୍ଷିତା ହେଲେ ସମାଜ ହୁଏ ପ୍ରଗତିଶୀଳ । ଶିଶୁର ଭବିଷ୍ୟତ ବହୁପରିମାଣରେ ମାତାର ଶିକ୍ଷା ଉପରେ ନିର୍ଭର କରେ । ମାତା ଶିକ୍ଷିତା ହୋଇ ନଥିଲେ ଶିଶୁକୁ ଉପଯୁକ୍ତ ନାଗରିକ କରି ଗଢି ତୋଳିବାରେ ବାଧା ସୃଷ୍ଟି ହୋଇଥାଏ । ପୁଣି ପୁରୁଷକୁ ଉପଯୁକ୍ତ ପଥ ପ୍ରଦର୍ଶନରେ ନାରୀ ସହାୟତା କରିଥାଏ । ନାରୀ ଅଶିକ୍ଷିତା ହୋଇଥିଲେ, ପୁରୁଷର ସମାସ୍ୟାବହୁଳ ଜୀବନରେ ସ୍ମାଧାନର ପଥ ନିର୍ଦ୍ଦେଶ କରିବାକୁ ଅସମର୍ଥ ହୁଏ । ପୁରୁଷର ଜ୍ୱାଳାମୟ ଜୀବନକୁ ନାରୀ ଶାନ୍ତି, ସ୍ନେହ, ଓ ପ୍ରେମର ବାରି ସିଞ୍ଚି ଶିଥିଳ କରେ । ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି କରିବା କ୍ଷେତ୍ରରେ ମଧ ତା'ର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସମାଜ ଓ ପରିବାରର ସୁଖଶାନ୍ତି ଅନେକ ପରିମାଣରେ ନାରୀର ଦୁରଦୃଷ୍ଟି ଓ ଉତ୍ସର୍ଗୀକୃତ ଜୀବନ ଉପରେ ନିର୍ଭର କରେ । ପରିବାରର ଆର୍ଥିକ ସ୍ଥିତି ଓ ସ୍ୱଚ୍ଛଳତା ନାରୀର ପରିଚାଳନାଗତ ଦକ୍ଷତା ଉପରେ ନିର୍ଭର କରେ । ଏହା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାରୁ, ନାରୀର ଶିକ୍ଷା ଓ ବିକାଶ କ୍ଷେତ୍ରରେ ବିନିଯୋଗର୍ ଆବଶ୍ୟକତା ଅପରିହାର୍ଯ୍ୟ ଏବଂ ଏହା ପ୍ରଗତିକୁ ମଧ ତ୍ୱରାନ୍ୱିତ କରିବ ।

ଅନ୍ତର୍ଜାତିକ ମହିଳା ଦିବସ ୨୦୨୪ ର ବିଷୟ ରହିଛି 'ମହିଳାଙ୍କ କ୍ଷେତ୍ରରେ ବିନିଯୋଗ - ସମାଜର ପ୍ରଗତିକୁ ତ୍ୱରାନ୍ୱିତ କରିବ' (Invest in Women - Accelerate Progress)।

ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ନାରୀ ଜାତିର, ମହିଳାମାନଙ୍କର ଶାରୀରିକ, ବୌଦ୍ଧିକ, ତଥା ସର୍ବାଙ୍ଗୀନ ବିକାଶ ନିମିତ୍ତ ଦୃଷ୍ଟି ଦେବା ଓ ଏହି କ୍ଷେତ୍ରରେ ସମସ୍ତ ଆବଶ୍ୟକତାର ପୂର୍ଣ୍ଣତା ନିମନ୍ତେ ବିନିଯୋଗ କରିବା । ବିଶ୍ୱ ଇତିହାସରେ ୧୮୫୭ ମସିହା ମାର୍ଚ୍ଚ ୮ ତାରିଖ ମହିଳାମାନଙ୍କ ଅଧିକାର ଓ ମୁକ୍ତି ନିମନ୍ତେ ଏକ ସ୍ମରଣୀୟ ଦିବସ । ଏହି ଦିନରେ ଆମେରିକାର ବିଭିନ୍ନ ବସ୍ତ୍ରଶିଳ୍ପରେ କାର୍ଯ୍ୟରତ ମହିଳାଗଣ ଧର୍ମଘଟର ଡାକରା ଦେଇ ସେମାନଙ୍କର କାର୍ଯ୍ୟର ସମୟ ଓ ମଜୁରୀ ସମ୍ପର୍କରେ ବିଚାର ନିମନ୍ତେ ଆହ୍ୱାନ ଦେଇଥିଲେ । ୧୯୦୮ ମାର୍ଚ୍ଚ ୮ ତାରିଖ ଦିନ ନ୍ୟୁୟର୍କଠାରେ ପରିବେଶ ଓ ଭୋଟ ଅଧିକାରର ଦାବି ନେଇ ଶ୍ରମଜୀବୀ ମହିଳାମାନେ ଆନ୍ଦୋଳନ କରିଥିଲେ । ୧୯୧୦ ମସିହାରେ ମହିଳାମାନଙ୍କର ବିଭିନ୍ନ ଆନ୍ଦୋଳନ ଅନ୍ତର୍ଜାତିକ ସ୍ତରରେ ଆଲୋଚନା ହୋଇ ବିଶ୍ୱସ୍ତରରେ ନାରୀ ଆନ୍ଦୋଳନ ଏକ ନୂତନ ରୂପରେଖ ଗ୍ରହଣ କଲା । ଏହି ମସିହାରେ ଜର୍ମାନୀ ଡେମୋକ୍ରାଟିକ ଦଳର ଅଧକ୍ଷା ଦ୍ୱାରା ଜେଟକିନ୍ନ ଆନ୍ତର୍ଜାତିକ ନାରୀ ସମ୍ମିଳନୀରେ 'ମାର୍ଚ୍ଚ ୮ ତାରିଖକୁ' 'ଆନ୍ତର୍ଜାତିକ ମହିଳା ଦିବସ' ରୂପେ ପାଳନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏହାପରେ ବିଶ୍ୱର ବହୁ ମହିଳା ନିଜର ଦାବି ସାବ୍ୟସ୍ତ ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ଏହାପରେ ପୃଥିବୀର ବିଭିନ୍ନ ସ୍ତରରେ ଏହାର ଆଲୋଚନା ହୋଇଥିଲା ଏବଂ ବିଶ୍ୱରେ ନାରୀ ଜାଗରଣର ଏକ ନୂତନ ଅଧ୍ୟାୟର ସୂତ୍ରପାତ ହେଲା । ଭାରତରେ ୧୯୭୦ ମସିହାରେ ମାର୍ଚ୍ଚ ୮ ତାରିଖକୁ ଏକ ବିଶେଷ ଦିବସ ରୂପେ ଗ୍ରହଣ କଲେ । କାରଣ ଏହି ବର୍ଷ ଅନ୍ତର୍ଜାତିକ ମହିଳା ଦିବସର ୫୦ ବର୍ଷ ସମ୍ପୂର୍ଣ୍ଣ ହୋଇଥିଲା । ସମଗ୍ର ଭାରତୀୟ ମହିଳାମାନଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ଐତିହାସିକ ଦିବସ ରୂପେ ପରିଗଣିତ । ଏହି ଦିବସ ପାଳନ ଅବସରରେ ମହିଳା ମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ତଥା ଆନ୍ତର୍ଜାତିକ ସ୍ତରରେ ନାରୀ ସମସ୍ୟାର ସମାଧାନ ନିମନ୍ତେ ସ୍ୱର ଉତ୍ତୋଳନ ହିଁ ଏହାର ମୂଳ ଉଦ୍ଦେଶ୍ୟ । ବିଶ୍ୱର ବିଭିନ୍ନ ସ୍ତରରେ ନାରୀ ତା'ର ପ୍ରତିଭାର ଯଥେଷ୍ଟ ପ୍ରମାଣ ଦେଇ ସାରିଥିଲେ ମଧ ଏଯାବତ ସମାଜରେ ନାରୀକୁ ଉପଯୁକ୍ତ ସମ୍ମାନ ନଦେବା ପରିତାପର ବିଷୟ ନିଶ୍ଚୟ । ମହାକାଶ ଯାତ୍ରା କୁହ ବା ଦେଶର ସର୍ବୋଚ୍ଚ ଶାସନ କୁହ, ନାରୀ ମାନେ ସବୁଥିରେ ଅଗ୍ରଣୀ । ଆମ ଦେଶର ସର୍ବୋଚ୍ଚ ସ୍ଥାନରେ ମଧ ଥରେ ନୁହେଁ, ଏକାଧିକ ବାର ନାରୀ ଅଳଙ୍କୃତ କରି ଏହାର ପ୍ରତ୍ୟେକ୍ଷ ପ୍ରମାଣ ଦେଇଛି । ବିଶ୍ୱର ବିଭିନ୍ନ ସ୍ତରରେ ନାରୀ ତା'ର ପ୍ରତିଭାର ପ୍ରମାଣ ଦେଇ ସାରିଥିଲେ ମଧ, ଏପର୍ଯ୍ୟନ୍ତ ଆମେ ସମାଜରେ ନାରୀକୁ ଉପଯୁକ୍ତ ସମ୍ମାନ ନ ଦେବା ପରିତାପର ବିଷୟ ନିଶ୍ଚୟ । ଏବେ ମଧ ଆମ ସମାଜରେ ନାରୀ ଏକ ବୋଝ ରୂପେ ପରିଗଣିତା । ସମଗ୍ର ବିଶ୍ୱରେ ଜନସଂଖ୍ୟାର ଅର୍ଦ୍ଧାଧିକ ନାରୀ ହୋଇଥିଲେ ହେଁ ବିଭିନ୍ନ କ୍ଷେତ୍ରରେ ସେମାନେ ଏବେ ବି ସଭ୍ୟତାର ଏତେ ବିକାଶ ସତ୍ତ୍ୱେ ଅବହେଳିତ ଓ ନିଷ୍ପେସିତ । ନିକଟରେ ହୋଇଥିବା ଜନ୍ ହାପକିନ୍ସ ବିଶ୍ୱବିଦ୍ୟାଳୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ମାନବିକ ଅଧିକାରକୁ ଅଗ୍ରାଧିକାର ଦେଉଥିବା ୟୁନିସେଫର ଗବେଷଣାର ରିପୋର୍ଟ ଅନୁଯାୟୀ, 'ବହୁ କନ୍ୟା ଶିଶୁ ପୃଥିବୀର ଆଲୋକ ଦେଖିବା ପୂର୍ବରୁ ସେମାନଙ୍କୁ ମାତୃଗର୍ଭରେ ହିଁ ନଷ୍ଟ କରିଦିଆଯାଇଥାଏ । ରିପୋର୍ଟ ଅନୁଯାୟୀ, ଏବେ ସମଗ୍ର ବିଶ୍ୱରେ ଯେତିକି କନ୍ୟା ଶିଶୁ ଅଛନ୍ତି, ବିଜ୍ଞାନ ଦ୍ୱାରା ଯଦି ସେମାନଙ୍କୁ ନଷ୍ଟ କରି ଦିଆଯାଇନଥାନ୍ତା, ତେବେ ଏହାର ସଂଖ୍ୟା ଆହୁରି ୬ କୋଟି ଅଧିକ ହୋଇଥାନ୍ତା । ମାତୃଗର୍ଭରେ ଲିଙ୍ଗ ନିର୍ଦ୍ଧାରଣ ଯୋଗୁଁ ବହୁ କନ୍ୟା ଶିଶୁ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି । ଜନ୍ମପରେ ସେମାନଙ୍କ ଉପଯୁକ୍ତ ଯତ୍ନ ଅଭାବରେ ମଧ ଅନେକ ମୃତ୍ୟୁ ବରଣ କରୁଛନ୍ତି । ଏହାଦ୍ୱାରା ଯେ ଅନେକ ମାନବ ସମ୍ବଳ ଅକାଳରେ ନଷ୍ଟ ହୋଇ ଯାଉଛି ଏହା ଅସ୍ୱୀକାର କରା ଯାଇ ନପାରେ । ଏସିଆ ମହାଦେଶରେ ଏହାର ଅବସ୍ଥା ଅତୀବ ଶୋଚନୀୟ । ରିପୋର୍ଟରୁ ଜଣାଯାଏ, ଚିକିତ୍ସା ଅଭାବରୁ ଏହି ମହାଦେଶରେ ପ୍ରତିବର୍ଷ ୩ ଲକ୍ଷରୁ ଅଧିକ କନ୍ୟା ଶିଶୁ ଜନ୍ମ ସମୟରେ ହିଁ ପ୍ରାଣତ୍ୟାଗ କରିଥାନ୍ତି । ନାରୀ ନିର୍ଯାତନାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଜଣାଯାଇଥାଏ । ଏହି ରିପୋର୍ଟ ଅନୁଯାୟୀ, ଶିଶୁ ଗର୍ଭାବସ୍ଥାରେ ଥିବା ସମୟରେ ଏବଂ ପ୍ରସବ ସମୟରେ ପ୍ରତିବର୍ଷ ପୃଥିବୀରେ ୫ ଲକ୍ଷ ୮୫ ହଜାର କନ୍ୟା ଅତି ଦୟନୀୟ ଭାବେ ମୃତ୍ୟୁ ବରଣ କରିଥାନ୍ତି । ଏହି ରିପୋର୍ଟ ଅନୁଯାୟୀ ପୁନଶ୍ଚ, ଭାରତରେ ହିଁ କେବଳ ପ୍ରତି ଏକଲକ୍ଷ ମହିଳାଙ୍କ ମଧ୍ୟରୁ ୫୭୦ ଜଣ ପ୍ରାଣ ହରାଇଥାନ୍ତି । ବିଗତ ୩୦ ବର୍ଷ ମଧ୍ୟରେ ୪୦ ଲକ୍ଷ ନାରୀଙ୍କର ପତ୍ତା ମିଳିନାହିଁ । ନାରୀ ମାନଙ୍କ ପ୍ରତି ହେଉଥିବା ନିର୍ଯାତନାର ତାଲିକା ଏତେ ଲମ୍ବ ଯେ, ତାହାକୁ ଏକ କ୍ଷୁଦ୍ର ପ୍ରବନ୍ଧରେ ପ୍ରକାଶ କରିବା ଆଦୌ ସମ୍ଭବ ନୁହେଁ । ଅତଏବ,, ଏବେ ସମୟ ଆସିଛି ଓ ଏହା ମଧ ଆନ୍ତର୍ଜାତିକ ମହିଳା ଦିବସର ଆହ୍ୱାନ, ଯେ ଆମେ ସମସ୍ତେ ଏହି ସମାସ୍ୟାକୁ ସମାଧାନ ଦିଗରେ ଯତ୍ନଶୀଳ ହେବା ଓ ମହିଳାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ କରି ଆମ ଦେଶ ତଥା ସମଗ୍ର ମାନବ ଜାତିଙ୍କର କଲ୍ୟାଣ ନିମନ୍ତେ ବ୍ରତୀ ହେବା ।

ନାରୀ କେବଳ ଭୋଗ ବା' ତ୍ୟାଗର ସାମଗ୍ରୀ ନୁହଁନ୍ତି, ସମାଜର ସୁସ୍ଥ ବିକାଶ ଓ ଗଠନରେ ତା'ର୍ ଏକ ବିଶେଷ ଭୂମିକା ରହିଛି । ଏହି ସାର୍ବଜନୀନ ସତ୍ୟ ଯେତେବେଳେ ସମାଜର ଏକ ବିଶେଷ ସତ୍ୟ ରୂପେ ଗୃହୀତ ହେବ, ସେତେବେଳେ ନାରୀ ଜାତିର ମୁକ୍ତି ଓ ପ୍ରଗତି ସମ୍ଭବ ହୋଇ ପାରିବ । ନଚେତ୍, ଏହା କେବଳ କର୍ଣ୍ଣ ରୋଚକ ଶବ୍ଦମାଳା ହୋଇ ସମାଜରେ ବହୁ ସନ୍ଦେହର କୁହେଳିକା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସମାଜକୁ ଅଧୋ ପତନ ଦିଗକୁ ଅଗ୍ରସର କରାଇନେବ । ତେଣୁ ଏଦିଗରେ ଆମେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ ।

# ପରିବର୍ତ୍ତନ ପଥେ ନାରୀ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ

ମହିଳାମାନଙ୍କୁ ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ଆମ ଭାରତୀୟ ସଂସ୍କୃତି ଆମମାନଙ୍କୁ ଶିକ୍ଷା ଦେଇଛି । ସମାଜ ରୂପକ ଶରୀରର ହୃତପିଣ୍ଡ ନାରୀ । ବାସ୍ତବରେ ନାରୀ କହିଲେ ନ-ଅରୀ । ଅର୍ଥାତ ଯାହାର ଶତ୍ରୁ ନଥାଏ । ନାରୀ ଅବଳା ଦୁର୍ବଳା ନୁହେଁ । ନାରୀମାନଙ୍କର ଅନେକ ସାମର୍ଥ୍ୟ ଓ ପ୍ରତିଭା ରହିଛି । ଯେଉଁ ସମାଜରେ ମାତୃ ଜାତି ଯେତେ ସମ୍ମାନର ଅଧିକାରିଣୀ ସେ ସମାଜ ସେତେ ସଭ୍ୟ । ଅତୀତରେ ଜନଜୀବନର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଯାହା ଥିଲା ଏବେ ତାହା ସଂପୂର୍ଣ୍ଣ ବଦଳିଯାଇଛି । ଆଗର ରକ୍ଷଣଶୀଳ ସମାଜରେ ମହିଳାଙ୍କ ଭୂମିକା ଘରର ଚାରିକାନ୍ଥ ଭିତରେ ସୀମିତ ଥିବାବେଳେ ବର୍ତ୍ତମାନ ଏହା ପରିବ୍ୟାପ୍ତ ହୋଇଛି । ମହିଳାମାନେ ପୁରୁଷ ସହ କାନ୍ଧରେ କାନ୍ଧ ମିଳାଇ ସବୁ କ୍ଷେତ୍ରରେ ନିଜର ଯୋଗ୍ୟତା ପ୍ରତିପାଦନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ବିଜ୍ଞାନ, ଅର୍ଥନୀତି, ମହାକାଶ ଗବେଷଣା, ପ୍ରଶାସନ, ଦେଶର ସୁରକ୍ଷା ଆଦି କ୍ଷେତ୍ରରେ ମହିଳାମାନେ ସୃଷ୍ଟି କରିଛନ୍ତି ବିଜୟର ସ୍ୱାକ୍ଷର ।

ଭାରତର ସ୍ୱାଧୀନତା ସଂଗ୍ରାମ ବେଳେ ବହୁ ଦେଶପ୍ରେମୀ ମହିଳା ଝାସ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ଆଇନ୍ ଅମାନ୍ୟ ଓ ଅସହଯୋଗ ଆନ୍ଦୋଳନ ଡାକରାରେ ମହିଳାମାନେ ପରଦା ଆଢୁଆଳରୁ ବାହାରକୁ ଆସି ମାତୃଭୂମିର ସୁରକ୍ଷା ପାଇଁ ଚାଲିଥିବା ସତ୍ୟାଗ୍ରହ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବର୍ତ୍ତମାନ ଯେତିକି ମହିଳା ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି, ସେମାନେ ପୁରୁଷମାନଙ୍କ ଠାରୁ ବହୁ କ୍ଷେତ୍ରରେ ଅଧିକ ପାରଙ୍ଗମ, ଅଧିକ ଭଦ୍ର, ସହାନୁଭୂତିଶୀଳ, ନ୍ୟାୟ ପରାୟଣ ବୋଲି ପ୍ରମାଣିତ ହୋଇଛି । ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଓ ବିକାଶ ଘଟୁଥିବା ବେଳେ ଏହାର ସୁଫଳ ପାଇବାରୁ ମହିଳାମାନେ ବଞ୍ଚିତ ହେଉଛନ୍ତି । ସମାଜ ଆଉ ପୁରୁଷ ପ୍ରଧାନ ହୋଇ ରହିନଥିଲେ ମଧ୍ୟ ମହିଳାଙ୍କ ପ୍ରତି ଅତ୍ୟାଚାରର ପରିମାଣ ହ୍ରାସ ପାଇବା ପରିବର୍ତ୍ତେ ବଢିଚାଲିଛି । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଗୌଣ ସ୍ଥିତି ଘେନି ସମାଜର ଏହି ଦୁଇ ଅଙ୍ଗ ମଧ୍ୟରେ ଥିବା ଶାରୀରିକ ଭିନ୍ନତା ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଅଧିକାଂଶ ରାଷ୍ଟ୍ରର ସାମ୍ବିଧାନିକ ଓ ବ୍ୟବସ୍ଥାପକ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସମାନ ଅଧିକାର ଓ ସୁବିଧାସୁଯୋଗ ମଞ୍ଜୁର କରାଯାଇଥିଲେ ମଧ ଲିଙ୍ଗଗତ ପାର୍ଥକ୍ୟ ଓ ବାଛବିଚାର ତିଷ୍ଟି ରହିଛି । ମହିଳାଙ୍କ ଉପରେ କେତେବେଳେ ରାସ୍ତାରେ ଲୁଟେରାମାନେ ଲୋଲୁପ ଦୃଷ୍ଟି ପକାଉଛନ୍ତି ତ ପୁଣି କେତେବେଳେ କର୍ମସ୍ଥଳୀରେ ସହକର୍ମୀଙ୍କ ଅସଦାଚରଣର ଶିକାର ହେଉଛନ୍ତି । କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ବିଭିନ୍ନ ଦେଶର ମହିଳାମାନେ ବାଛବିଚାର,ଘରୋଇ ହିଂସା, ଦଳୀୟ ପକ୍ଷପାତ, ଦାରଦ୍ର୍ୟ ଓ ଅର୍ଥାଭାବର ଶୀକାର ହୋଇଥାନ୍ତି । ତେଣୁ ଏସବୁ ସମସ୍ୟାରୁ ସେମାନଙ୍କୁ ମୁକ୍ତ କରିବାର ଆବଶ୍ୟକତା ପୂରଣ ହେଲେ ଯାଇ ଆମେ ଲିଙ୍ଗଗତ ସମତା ଉପଲବ୍ଧି କରିପାରିବା । କଠୋର ଆଇନ,କଡା କଟକଣା,ସ୍ୱତନ୍ତ୍ର ଯୋଜନା ଓ ଟାସ୍କଫୋର୍ସ ସବୁ ଥାଇ ମଧ୍ୟ ଲିଙ୍ଗଗତ ସୁରକ୍ଷା ହୋଇପାରୁନାହିଁ । ଆମ ଦେଶ ଦୁଇ ବର୍ଷ ତଳେ ସ୍ୱାଧିନତା ପ୍ରାପ୍ତିର ଅମୃତ ମହୋତ୍ସବ ପାଳନକରିଛି । ତେଣୁ ଦେଶର ମାତୃଜାତି କେତେ ନିରାପଦ ଓ ଦେଶବାସୀ ସେମାନଙ୍କ ପଦମର୍ଯ୍ୟାଦାକୁ କେତେ ସମ୍ମାନ ଦେଇଛନ୍ତି ତାର ସମୀକ୍ଷା ହେବା ଆବଶ୍ୟକ । ପରିବାର ଓ ଦେଶ ପାଇଁ ଉତ୍ସର୍ଗୀକୃତ ନାରୀ ସୁରକ୍ଷିତ ରହିଲେ ସୁସ୍ଥ ସମାଜର ପରିକଳ୍ପନା ସମ୍ଭବ ହୋଇପାରିବ ।

ନିଜର ରୁଚି, ସାହସ, ଦକ୍ଷତା, ବୁଦ୍ଧିମତା, ସୃଜନଶୀଳତାକୁ ନେଇ ନାରୀ ଅନନ୍ୟା । ତଥାପି ରାଜନୀତି କ୍ଷେତ୍ରରେ ଏବେବି ସେ ବହୁ ପଛରେ । ଆମ ରାଜ୍ୟ ବିଧାନସଭାରେ ମହିଳା ପ୍ରତିନିଧିତ୍ୱକୁ ଯଦି ଦେଖାଯାଏ ତେବେ ୧୯୫୨ରେ ହୋଇଥିବା ପ୍ରଥମ ବିଧାନସଭା ନିର୍ବାଚନ ଠାରୁ ଏପର୍ଯ୍ୟନ୍ତ ମାତ୍ର ୭୬ ଜଣ ମହିଳା ପ୍ରତିନିଧିତ୍ୱ କରିଛନ୍ତି । ତେବେ ମହିଳାମାନଙ୍କୁ ରାଜନୈତିକ କ୍ଷମତା ଓ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ଦେବା ସ୍ଥାନରେ କେତେକ ପ୍ରଭାବଶାଳୀ ରାଜନୈତିକ ନେତା ସେମାନଙ୍କର ସମ୍ପର୍କୀୟାଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ ହାସଲ କରି ରାଜନୀତିରେ "ବିବି ବ୍ରିଗେଡ" ସ୍ଥାନ ସୃଷ୍ଟି କରିଛନ୍ତି । ପ୍ରକ୍ସି ପଲଟିକ୍ସ ଯୋଗୁଁ ମହିଳାମାନେ ସେମାନଙ୍କ ପ୍ରକୃତ ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି । ଏହା କୌଣସି ଗୋଟିଏ ଦେଶର ମହିଳାମାନଙ୍କର କଥା ନୁହେଁ , ଏହା ସବୁ ଗଣତାନ୍ତ୍ରିକ ଦେଶର ମହିଳାମାନଙ୍କର ସମସ୍ୟା । ରାଜନୀତିରେ ମହିଳାମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ନିଶ୍ଚିତ ଭାବରେ ସେମାନଙ୍କ ବିକାଶ ଲାଗି ଶୁଭଙ୍କର । ତେଣୁ ପୁରୁଷ ଓ ମହିଳାଙ୍କର ରାଜନୀତିରେ ସମାନ ଅଂଶଗ୍ରହଣ ସୁଯୋଗକୁ ଯଥାର୍ଥରେ ରୂପାୟନ କରିବାକୁ ହେଲେ ମହିଳାମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯିବା ଆବଶ୍ୟକ । ମହିଳାଙ୍କ ପ୍ରତି ଥିବା ହୀନମନ୍ୟତାକୁ ପ୍ରଥମେ ଦୂର କରିବାକୁ ହେବ ଓ ରାଜନୀତିରେ ଅଂଶଗ୍ରହଣ ନେଇ ସେମାନଙ୍କ ପ୍ରତି ଥିବା ନକରାତ୍ମକ ଚିନ୍ତାଧାରାକୁ ମନରୁ ପୋଛିବାକୁ ହେବ ।

# ମୁନାଭାଇଙ୍କ ସ୍ମରଣେ



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର
ଫୋନ୍ : ୯୯୩୭୭୧୧୩୮୯
ଭୁବନେଶ୍ୱର

ଭଦ୍ରକ ମ୍ୟୁନିସପାଲଟିର ପୂର୍ବତନ ଅଧକ୍ଷ ମାନସ କୁମାର ମହାନ୍ତିଙ୍କର ଗତ ଫେବୃଆରୀ ୨୯ ତାରିଖ ଦିନ ଆକସ୍ମିକ ବିୟୋଗ ଘଟିଛି । ଫଳରେ ସମଗ୍ର ଭଦ୍ରକ ସହରରେ ଗଭୀର ଶୋକର ଛାୟା ଖେଳିଯାଇଛି । କାରଣ ଭଦ୍ରକ ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପୌରାଧକ୍ଷ ଭାବରେ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା । ଅନ୍ୟପକ୍ଷରେ ତାଙ୍କର ଦେହାନ୍ତ ମଧ ଅତ୍ୟନ୍ତ ଅପ୍ରତ୍ୟାଶିତ ଥିଲା । ତେଣୁ ଭଦ୍ରକ ବାସୀଙ୍କ ମନରେ ସ୍ୱାଭାବିକ ଭାବେ ଗଭୀର ଶୋକଚ୍ଛ୍ୱାସ ପ୍ରକାଶ ପାଇଛି ।

ମାନସ କୁମାର ମହାନ୍ତି ଭଦ୍ରକ ଅଞ୍ଚଳରେ ମାନସ ମହାନ୍ତି ନାମରେ ଖ୍ୟାତ ଥିଲେ । ଗୁରୁଜନମାନେ ତାଙ୍କୁ 'ମାନସ' ବା ଡାକ ନାମ 'ମୁନା' ବୋଲି ସମ୍ବୋଧନ କରୁଥିବା ବେଳେ କନିଷ୍ଠମାନେ ତାଙ୍କୁ ଆଦରରେ 'ମୁନାଭାଇ' ବୋଲି ଡାକୁଥିଲେ । ସେ ମୋ ଠାରୁ ବୟସରେ ପାଞ୍ଚ/ଛଅ ବର୍ଷ ବଡ଼ ଥିଲେ ଏବଂ ମୋର ମଧ ସମ୍ପର୍କୀୟ ଥିଲେ ।

ଆଜିକୁ ପ୍ରାୟ ଚାଳିଶ ବର୍ଷ ତଳେ ଅଶୀଦଶକରେ ମୁନାଭାଇ ପ୍ରଥମେ ଭଦ୍ରକ ଏନ.ଏ.ସି.ର ଅଧକ୍ଷ ହୋଇଥିଲେ । ସେତେ ବେଳେ ମୁଁ ସାମ୍ବାଦିକତା ବୃତ୍ତିକୁ ଆପଣେଇ ଭୁବନେଶ୍ୱର ସହରକୁ ଚାଲି ଆସିଥିଲି । ମୁଁ ଭୁବନେଶ୍ୱର ସହରରେ ରହିବା ସତ୍ତ୍ୱେ ଭଦ୍ରକ ନିବାସୀ ମୁନାଭାଇଙ୍କ ସହିତ ମୋର ଘନିଷ୍ଠତା ଅତୁଟ ରହିଥିଲା । କାରଣ ପ୍ରତି ସପ୍ତାହରେ ମୁଁ ସେତେବେଳେ ଭୁବନେଶ୍ୱରରୁ ଆମ ଭଦ୍ରକ ସହର ସ୍ଥିତ ବାସ ଭବନ 'କାନ୍ତକୁଟୀର'କୁ ଯାଉଥିଲି । 'କାନ୍ତକୁଟୀର'ରେ ମୋର ବାପା, ବୋଉ, ଭାଇ, ଭଉଣୀ, ପତ୍ନୀ ଏବଂ ପିଲା ମାନେ ଅବସ୍ଥାନ କରୁଥିଲେ । ସେହି ସମୟରେ ବୈଦ୍ୟୁତିକ ଗଣମାଧ୍ୟମର ଆଜିଭଳି ବିକାଶ ଓ ବିସ୍ତାର ହୋଇନଥିଲା । ଲ୍ୟାଣ୍ଡଫୋନ୍ ଓ ରେଡ଼ିଓ ହିଁ ଯୋଗାଯୋଗର ପ୍ରମୁଖ ମାଧ୍ୟମ ଥିଲା । ତେଣୁ ସପ୍ତାହାନ୍ତଭଦ୍ରକ ଗସ୍ତ ଅବସରରେ ତଦାନୀନ୍ତନ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଜନତାଦଳ ସଭାପତି ତଥା ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକ, ବର୍ତ୍ତମାନର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ (ସେତେବେଳେ ସେ ବିଧାୟକ ହୋଇନଥିଲେ), ମୁନାଭାଇ ପ୍ରଭୃତିଙ୍କ ସହିତ ସାକ୍ଷାତ ଆଲୋଚନା ମୋର ନିୟମିତ କାର୍ଯ୍ୟ କ୍ରମରେ ପରିଣତ ହୋଇଥିଲା । ଆମଭେଟଘାଟର ମୁଖ୍ୟଉଦ୍ଦେଶ୍ୟ ଥିଲା ରାଜନୀତି ଚର୍ଚ୍ଚା । ରାଜଧାନୀରୁ ପ୍ରକାଶିତ ଏକ ପ୍ରତିଷ୍ଠିତ ଖବର କାଗଜର ମୁଁ ସେତେବେଳେ ଭୁବନେଶ୍ୱରର ମୁଖ୍ୟ ରିପୋର୍ଟର ଥାଏ । ସେହି ଦୃଷ୍ଟିରୁ ରାଜଧାନୀର ସଦ୍ୟ ରାଜନୈତିକ ପାଣିପାଗ ସମ୍ପର୍କରେ ଅବଗତ ହେବା ଆମ ଭେଟ ଘାଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ପୌରାଧକ୍ଷ ଭାବରେ ଭଦ୍ରକ ସହରର ସଫେଇ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିବା, ଟାଉନ ହଲ ଓ ମଦିନା ମଇଦାନରେ ପାଠାଗାର ପ୍ରତିଷ୍ଠା, ଅପର୍ଣ୍ଣ ବିନ୍ଧା ଓ ଡାହାଣୀ ଗଡିଆଛକରେ ଟ୍ରାଫିକ ଆଇଲ୍ୟାଣ୍ଡ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଗୁଡ଼ିକର ଉନ୍ନତିକରଣ ଲାଗି ଆର୍ଥିକ ସହାୟତା ପ୍ରଦାନ ଭଳି ଉନ୍ନୟନ ମୂଳକ କାର୍ଯ୍ୟଲାଗି ଅବଶ୍ୟ ଭଦ୍ରକ ସହରବାସୀ ମୁନାଭାଇଙ୍କୁ ମନେ ରଖିବେ । ତେବେ ଅଶୀଦଶକରେ ଭଦ୍ରକ ଏନ.ଏ.ସି.ର ଅଧକ୍ଷ ଭାବରେ ସେ ଏଭଳି ଗୋଟିଏ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ଯେଉଁଥି ପାଇଁ ସମଗ୍ର ଓଡ଼ିଶା ବାସୀଙ୍କ ନିକଟରେ ସେ ସ୍ମରଣୀୟ ହୋଇ ରହିବେ । ସେହି କାର୍ଯ୍ୟକ୍ରମଟି ହେଉଛି ଭଦ୍ରକର ଗର୍ବ ଗୌରବ ତଥା ଓଡ଼ିଶା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'



ର ସ୍ରଷ୍ଟା କାନ୍ତକବିଙ୍କ ସ୍ମୃତି ରକ୍ଷା । ସମ୍ଭବତଃ ସେହି ସମୟରେ ଭଦ୍ରକ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ.ଏ.ସି) ତା'ର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରୁଥାଏ । ସେହି ଅବସରରେ କାନ୍ତକବିଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଭଦ୍ରକ ସହରର ଚାନ୍ଦବାଲି ବାଇପାସ ଛକ ଠାରେ ପୌର ସଂସ୍ଥା ପକ୍ଷରୁ ସ୍ଥାପନ କରାଯାଇଥିଲା ।

ପ୍ରାୟ ଚାଳିଶ ବର୍ଷ ତଳେ ମୁନାଭାଇ ତାଙ୍କର ପୌରାଧକ୍ଷ ହେବାର ପ୍ରଥମ ପାଳିରେ ଲୋକାର୍ପିତ କରିଥିବା କାନ୍ତକବିଙ୍କ ପ୍ରତିମୂର୍ତ୍ତି ହିଁ ହେଉଛି ସମଗ୍ର ଓଡ଼ିଶାରେ ସର୍ବସାଧାରଣ ସ୍ଥାନରେ ପ୍ରତିଷ୍ଠିତ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ପ୍ରଥମ ପ୍ରତିମୂର୍ତ୍ତି । ଅବଶ୍ୟ ପରବର୍ତ୍ତୀ ସମୟରେ ରାଜଧାନୀ ଠାରୁ ଆରମ୍ଭକରି ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ କାନ୍ତକବିଙ୍କ ପ୍ରତିମୂର୍ତ୍ତି ଇତି ମଧ୍ୟରେ ସ୍ଥାପିତ ହୋଇସାରିଛି । ତେବେ କାନ୍ତକବିଙ୍କ ନିଜ ସହର ଭଦ୍ରକରେ ତାଙ୍କର ପ୍ରଥମ ପ୍ରତିମୂର୍ତ୍ତି ଲୋକାର୍ପଣ କରିବା ଭଳି ବିରଳ ସୌଭାଗ୍ୟର ଅଧିକାରୀ ହୋଇପାରିଥିଲେ ମୁନାଭାଇ, ଯାହାକି ମୁନାଭାଇଙ୍କୁ ସମଗ୍ର ଓଡ଼ିଶା ବାସୀଙ୍କ ନିକଟରେ ନିଶ୍ଚିତ ସ୍ମରଣୀୟ କରି ରଖିବ ।

କାନ୍ତକବିଙ୍କର ଏହି ପ୍ରତିମୂର୍ତ୍ତି ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ମୁଁ ଗତବର୍ଷ ୨୦୨୩ ଏପ୍ରିଲ ୨୩ତାରିଖ ଅକ୍ଷୟ ତୃତୀୟା ଦିନ ମୁନାଭାଇଙ୍କୁ ଫୋନ କରିଥିଲି । ସେ ମୋତେ ଦର୍ଶାଇଥିଲେ ଯେ, ଉକ୍ତ ପ୍ରତିମୂର୍ତ୍ତି ତିଆରି ପାଇଁ ସଂସ୍କୃତି ବିଭାଗ ଛଅହଜାର ଟଙ୍କାର ଅନୁଦାନ ଭଦ୍ରକ ପୌରସଂସ୍ଥାକୁ ପ୍ରଦାନ କରିଥିଲା । ସେହି ଅର୍ଥରାଶିରେ ଆଗରପଡ଼ା ଅଞ୍ଚଳର ଜଣେ ନବାଗତ ସ୍ଥପତିଙ୍କ ଦ୍ୱାରା ପ୍ରତିମୂର୍ତ୍ତିଟି ଗଢ଼ାଯାଇ ଥିଲା । ତେବେ ପ୍ରତିମୂର୍ତ୍ତିଟି ସ୍ଥାପନ ପାଇଁ ଆବଶ୍ୟକ ପେଡେଷ୍ଟାଲ ଓ ଚତୁଃର୍ପାଶ୍ୱସ୍ଥ ତାରବାଡ ପ୍ରଭୃତି କାର୍ଯ୍ୟ ପୌରସଂସ୍ଥା ଦ୍ୱାରା ସଂପାଦିତ ହୋଇଥିଲା । ତେବେ କେଉଁ ତାରିଖରେ ପ୍ରତିମୂର୍ତ୍ତିଟି ଲୋକାର୍ପିତ ହୋଇଥିଲା, ତାହା ସେ ମ୍ୟୁନିସିପାଲଟି ରେକର୍ଡରୁ ଦେଖି କହିବେ ଏବଂ ପୌର ସଂସ୍ଥାର ରୌପ୍ୟଜୟନ୍ତୀ ପାଳନ ଅବସରରେ ଏହି କାର୍ଯ୍ୟ ସଂପନ୍ନ ହୋଇଥିଲା ବୋଲି ସେ ଜଣାଇଥିଲେ ।

ମୁଁ ପରିବାର ସହ ଭୁବନେଶ୍ୱରରେ ଅବସ୍ଥାନ କରିବାପରେ ମୁନାଭାଇଙ୍କ ସହିତ ମୋର ସାକ୍ଷାତ ଆଲୋଚନା ଅବଶ୍ୟ ସଂକୁଚିତ ହୋଇ ଯାଇଥିଲା । ତେବେ ଏହି ତିନିଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଭିତରେ ଆମେ ପରସ୍ପର ସହିତ ଟେଲିଫୋନ ବାର୍ତ୍ତାଳାପ ଜାରି ରଖିଥିଲୁ । ବିଶେଷ କରି ସେ ମୋର ଟିଭି ଆଲୋଚନାର ଅନ୍ୟତମ ପ୍ରଶଂସକ ଥିଲେ । ବିଭିନ୍ନ ରାଜନୈତିକ ଘଟଣାବଳୀର ଆଲୋଚନା ସମୟରେ ସେ ମୋର ନିରପେକ୍ଷ ଓ ମାର୍ଜିତ ବକ୍ତବ୍ୟ ଉପସ୍ଥାପନା ଶୈଳୀକୁ ବେଶ ପସନ୍ଦ କରୁଥିଲେ । ମାତ୍ର ବର୍ତ୍ତମାନର ଟିଭି ଆଲୋଚନାରେ ପୂର୍ବଭଳି ଅଧିକ ପରିମାଣରେ କାହିଁକି ଭାଗ ନେଉନାହିଁ ବୋଲି ମୋତେ ପ୍ରଶ୍ନ କରୁଥିଲେ । ପ୍ରତ୍ୟୁତ୍ତରରେ ମୁଁ କେବଳ ଏତିକି କହୁଥିଲି ଯେ, ଟିଭି ଆଲୋଚନାରେ ସ୍ୱାଧୀନ, ନିରପେକ୍ଷ ବା ନିଷ୍ପକ୍ଷ ବକ୍ତବ୍ୟ ଉପସ୍ଥାପନର ସୁଯୋଗ ହ୍ରାସ ପାଇଛି । ଏଭଳି ଅନ୍ତରଙ୍ଗ ମୁହୂର୍ତ୍ତର ଅନେକ ସ୍ମୃତି ଆଜି ମନରେ ଉଙ୍କି ମାରୁଛି ।

ମୁନାଭାଇଙ୍କ ଗମ୍ଭୀର ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ମୁଁ ଆଦୌ ଅବଗତ ନଥିଲି । ତେଣୁ ତାଙ୍କ ଦେହାନ୍ତ ଖବର ହଠାତ୍ ମୋର ସାନଭାଇ ଗୋପୀ କଲ୍ୟାଣ, ଉମା କଲ୍ୟାଣ ଓ ବଡ଼ ଭଉଣୀ କାନ୍ତା (ମୁନା ଭାଇଙ୍କ ବଡ଼ ଭାଉଜ)ଙ୍କ ଠାରୁ ପାଇବା ପରେ ମୁଁ ସ୍ତବ୍ଧ ହୋଇ ଯାଇଥିଲି । ଦଶବର୍ଷ ଧରି ଭଦ୍ରକ ପୌର ସଂସ୍ଥାର ଅଧକ୍ଷ ମୁନାଭାଇଙ୍କ ନିରହଂକାର ଚେହେରା ମୋ ସ୍ମୃତିରେ ଝଲସି ଉଠିଥିଲା ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରୁଛି ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ଟିମ୍ ଇଣ୍ଡିଆକୁ ବିସିସିଆଇର ଉପହାର ଖେଳାଳିଙ୍କ ଉପରେ ଧନବର୍ଷା

**କୋଲକାତା**

ଟିମ୍ ଇଣ୍ଡିଆ ୧୧୨ ବର୍ଷ ପରେ ଧର୍ମଶାଳା ଟେଷ୍ଟରେ ଇଂଲଣ୍ଡର ରେକର୍ଡ ଭାଙ୍ଗିଛି । ହିମାଚଳ ପ୍ରଦେଶର ଧର୍ମଶାଳାରେ ଚାଲିଥିବା ପଞ୍ଚମ ଟେଷ୍ଟରେ ଭାରତ ଇଂଲଣ୍ଡକୁ ଗୋଟିଏ ଇନିଂସ ଏବଂ ୬୪ ରନରେ ଇଂଲଣ୍ଡକୁ ପରାଜିତ କରିଛି ।

ଏହି ବିଜୟ ସହିତ ଡବ୍ଲୁଟିସି ପଏଣ୍ଟ ଟେବୁଲରେ ଟିମ ଇଣ୍ଡିଆ ନିଜର ସ୍ଥିତି ସୁଦୃଢ କରିଛି । ଏହି ବିଜୟ ନେଇ ବିସିସିଆଇଠାରୁ ଆରମ୍ଭ କରି କୋଚ ସଭିଏଁ ଖୁସି ଅଛନ୍ତି । ଭାରତର ଐତିହାସିକ ବିଜୟ ପରେ ବିସିସିଆଇ ଟିମ ଇଣ୍ଡିଆର ଖେଳାଳିଙ୍କ ପାଇଁ ବଡ଼ ଘୋଷଣା କରିଛି ।

ବିସିସିଆଇ କହିଛି ଗୋଟିଏ ବର୍ଷରେ ୫୦ ପ୍ରତିଶତ ଟେଷ୍ଟରେ ଭାରତୀୟ ଦଳରେ ସାମିଲ ଥିବା ଖେଳାଳିଙ୍କୁ ମ୍ୟାଚ ଫି ସହିତ ପ୍ରତି ମ୍ୟାଚ ପିଛା ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ୫୦ ପ୍ରତିଶତ ଟେଷ୍ଟରୁ ଅଧିକ ଖେଳିଥିବା ଖେଳାଳିଙ୍କୁ ମ୍ୟାଚ ଫି ସହିତ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ୭୫ ପ୍ରତିଶତ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ପ୍ରତି ମ୍ୟାଚ ପିଛା ୨୨.୫ ଲକ୍ଷ ଏବଂ ୭୫ ପ୍ରତିଶତରୁ ଅଧିକ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ମ୍ୟାଚ ଫି ସହିତ ପ୍ରତି ମ୍ୟାଚ ପିଛା ୪୫ ଲକ୍ଷ ଟଙ୍କା ମିଳିବ ।

ବିସିସିଆଇ ସଚିବ ଜୟ ଶାହା ଟିମ ଇଣ୍ଡିଆ ସିରିଜ ଜିତିବା ପରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି । ଏହି ଘୋଷଣାର ଉଦ୍ଦେଶ୍ୟ ହେଉଛି ଖେଳାଳିଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା ।

# ଧର୍ମଶାଳା ଟେଷ୍ଟରେ ଇଂଲଣ୍ଡକୁ ଧୂଳି ଚଟାଇଲା ଭାରତ

**ଧର୍ମଶାଳା**

ଟିମ୍ ଇଣ୍ଡିଆର ୧୧୨ ବର୍ଷର ପ୍ରତୀକ୍ଷା ଶେଷ ହୋଇଛି । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ହିମାଚଳପ୍ରଦେଶର ଧର୍ମଶାଳାରେ ଚାଲିଥିବା ପଞ୍ଚମ ଟେଷ୍ଟରେ ଭାରତ ଇଂଲଣ୍ଡକୁ ଧୂଳି ଚଟାଇଛି । ଟିମ ଇଣ୍ଡିଆ ଗୋଟିଏ ଇନିଂସ ଏବଂ ୬୪ ରନରେ ଇଂଲଣ୍ଡକୁ ପରାଜିତ କରିଛି ।

ଟିମ ଇଣ୍ଡିଆ ସିରିଜକୁ ୪-୧ରେ ଜିତିଛି । ଅଧିନାୟକ ରୋହିତ ଶର୍ମା ୧୧୨ ବର୍ଷର ଇତିହାସକୁ ପରିବର୍ତ୍ତନ କରିଛନ୍ତି ।

ଭାରତର ଏହି ବିଜୟ ଏକ ବଡ଼ ବିଜୟ ବୋଲି କୁହାଯାଉଛି । ମ୍ୟାଚର ଦ୍ୱିତୀୟ ଇନିଂସରେ ବୋଲର ରବିଚନ୍ଦ୍ରନ ଅଶ୍ୱିନ ୪ ୱିକେଟ୍ ନେଇଥିଲେ । ଦ୍ୱିତୀୟ ଇନିଂସରେ



ଅଶ୍ୱିନ ଏକ ଐତିହାସିକ ସ୍କେଲରେ ବୋଲିଂ କରିଥିଲେ । ସେହିପରି କୁଲଦୀପ ଯାଦବ ଦ୍ୱିତୀୟ ଇନିଂସରେ ୫ ୱିକେଟ୍ ନେଇଥିଲେ ।

ଏହା ଅଶ୍ୱିନଙ୍କର ୧୦୦ ତମ ଟେଷ୍ଟ ଥିଲା । ଏଭଳି ଘଟଣା ୧୧୨ ବର୍ଷ ପରେ ଘଟିଛି । ଯେତେବେଳେ କୌଣସି ଟିମ ପ୍ରତିପକ୍ଷଙ୍କୁ ୫ ଟିକିଆ ସିରିଜରେ ୪-୧ରେ ପରାଜିତ କରିଛି । ୧୯୧୨ ମସିହାରେ ଇଂଲଣ୍ଡ ଏଭଳି ବିଜୟ ହାସଲ କରି ଅଷ୍ଟ୍ରେଲିଆକୁ ପରାଜିତ କରିଥିଲା । ଏବେ ଭାରତ ଇଂଲଣ୍ଡର ଏହି ରେକର୍ଡକୁ ଭାଙ୍ଗିଛି । ପୂର୍ବରୁ ଅଷ୍ଟ୍ରେଲିଆ ଟିମ ଇଂଲଣ୍ଡ ବିରୋଧରେ ୧୮୯୭-୯୮ ଏବଂ ୧୯୦୧-୦୨ରେ ଏଭଳି ରେକର୍ଡ କରିଥିଲା ।

# ତୃତୀୟ ଦିନ ପଡ଼ିଆକୁ ଓହ୍ଲାଇବେନି ରୋହିତ, ବିସିସିଆଇ ଦେଲା ସୂଚନା



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟର ଦ୍ୱିତୀୟ ଦିନ ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ କୀର୍ତ୍ତିମାନର ଦିନ ଥିଲା । ଧର୍ମଶାଳାର ଏଚ୍‌ପିସିଏ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ରୋହିତ ଦ୍ୱାଦଶ ଟେଷ୍ଟ୍ ଶତକ ଅର୍ଜନ କରିଥିଲେ । ୧୬୨ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୩ ଛକା ସହାୟତାରେ ସେ ୧୦୩ ରନ୍ ସଂଗ୍ରହ କରି ଆଉଟ୍ ହୋଇ ଯାଇଥିଲେ ।

ହେଲେ ଏହାରି ଭିତରେ କିନ୍ତୁ ଟିମ ଇଣ୍ଡିଆକୁ ଲାଗିଛି ବଡ ଝଟକା । ଦଳର କ୍ୟାପଟେନ ରୋହିତ ଶର୍ମାଙ୍କ ଫିଟନେସକୁ ନେଇ ବିସିସିଆଇ ଟୁଇଟ କରିବା ପରେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଖେଳପ୍ରେମୀ ।

ବିସିସିଆଇ ପକ୍ଷରୁ ହୋଇଥିବା ଏକ୍ସ ପୋଷ୍ଟରେ ଲେଖାଯାଇଛି, ସଂପୂର୍ଣ୍ଣ ଫିଟ୍ ନଥିବା କାରଣରୁ ଦଳର କ୍ୟାପଟେନ ରୋହିତ ଶର୍ମା ତୃତୀୟ ଦିନ ଫିଲ୍ଡିଂ କରିବାକୁ ପଡିଆକୁ ଓହ୍ଲାଇବେନି ।



# ଆଗାମୀ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ମହମ୍ମଦ ସାମି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ମହମ୍ମଦ ସାମି ଭାରତୀୟ ଜନତା ପାର୍ଟି (ବିଜେପି) ଟିକେଟରେ ଆଗାମୀ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି ।

ଇଣ୍ଡିଆ ଟୁଡେ ରିପୋର୍ଟ କରିଥିବା ସୂତ୍ର ଅନୁଯାୟୀ, ପଶ୍ଚିମବଙ୍ଗରୁ ଟିକେଟ ପାଇଁ ବିଜେପି ସାମିଙ୍କୁ ବିଚାର କରୁଛି । ଦଳର ନେତୃତ୍ୱ ତାଙ୍କ ନିକଟରେ ପହଞ୍ଚି ସାରିଥିଲେ ବି, କ୍ରିକେଟର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାଁନ୍ତି ।

ସାମି ରଣଜୀ ଟ୍ରଫିରେ ବଙ୍ଗଳାକୁ ପ୍ରତିନିଧିତ୍ୱ କରନ୍ତି ଏବଂ ରାଜ୍ୟ ପାଇଁ ଘରୋଇ କ୍ରିକେଟ ଖେଳନ୍ତି । ନିକଟରେ ଆଣ୍ଠୁ ଅସ୍ତ୍ରୋପଚାର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରିକେଟରଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏବେ ଶୁଣିବାକୁ ମିଳୁଛି ମୋଦୀ ତାଙ୍କୁ ନିଜ ଦଳକୁ ନେବାକୁ ଇଚ୍ଛୁକ ଅଛନ୍ତି ।

ବିଜେପି ଏବେ ଏହି ଷ୍ଟାର କ୍ରିକେଟରଙ୍କୁ ନିର୍ବାଚନ ମୈଦାନରେ ପ୍ରାର୍ଥୀ କରିବାକୁ ଯୋଜନା କରୁଛି । ସାମି ପଶ୍ଚିମବଙ୍ଗ ରଣଜୀଟ୍ରଫି ଖେଳି ପେସ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟକୁ ଆସିଥିଲେ । କିଛି ଗଣମାଧ୍ୟମର ରିପୋର୍ଟ ଅନୁସାରେ ସାମିଙ୍କ ସହ ବିଜେପି ଆଲୋଚନା କରି ସାରିଛି ।

ଶାମିଙ୍କୁ ରାଜ୍ୟର ସଂଖ୍ୟାଲଘୁ ଆସନରେ ଟିକେଟ ଦେବାକୁ ଯୋଜନା ଚାଲିଛି । ରାଜ୍ୟର ବଶିରହାଟ ଲୋକସଭା ଆସନରୁ ସାମିଙ୍କୁ ଟିକେଟ ଦିଆଯିବାର ଯୋଜନା ରହିଥିବା କୁହାଯାଉଛି ।

# ସୋଆ କପ୍ କ୍ରୀଡା ଉତ୍ସବରେ କୃଷି ମହାବିଦ୍ୟାଳୟର ଗ୍ରୁପ୍ ଚାମ୍ପିଅନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଉଦ୍‌ଯାପିତ ହୋଇଥିବା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ବାର୍ଷିକ ସୋଆ କପ୍ କ୍ରୀଡ଼ା ପ୍ରତିଯୋଗିତାରେ ଏହା ଦ୍ୱାରା ପରିଚାଳିତ ୧୦ଟି ଶିକ୍ଷାନୁଷ୍ଠାନ ଭାଗ ନେଇଥିଲେ । ଏଥିରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ଗ୍ରୁପ୍ ଚାମ୍ପିଅନ୍ ଟାଇଟଲ୍ ହାସଲ କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚୁଟ୍ ଅଫ୍ ଲ (ସ୍ନିଲ)ର ଆଦିତ୍ୟ ମାଝି ଓ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି)ର ସୋଲାନ୍ସ ଉରାମଣି ଯଥାକ୍ରମେ ପୁରୁଷ ଏବଂ ମହିଳା ବିଭାଗରେ ଚାମ୍ପିଅନ୍ ଆଥଲେଟ ଟାଇଟଲ୍ ହାସଲ କରିଛନ୍ତି ।



ସୋଆର ଛାତ୍ରଛାତ୍ରୀମାନେ ୩ ସପ୍ତାହ ବ୍ୟାପୀ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଫୁଟବଲ୍, କ୍ରିକେଟ, ଭଲିବଲ୍, ଥ୍ରୋ ବଲ୍, ସଫ୍ଟ ବଲ୍, ବାସ୍କେଟ ବଲ୍, ଟେବୁଲ ଟେନିସ୍ ଓ ଟେନିସ୍ ପ୍ରଭୃତି କ୍ରୀଡ଼ାକୁ ନେଇ ପ୍ରତିଯୋଗିତା ହୋଇଥିଲା । ମାର୍ଚ୍ଚ ୭ ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଥିଲା ।

ଫୁଟବଲ ପୁରୁଷ ବିଭାଗରେ ସୋଆର ବିଦେଶୀ ଛାତ୍ରଙ୍କ ଟିମ୍ ଆଇଏଏସ୍‌କୁ ୫-୦ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିବା ବେଳେ ବାସ୍କେଟ ବଲ୍‌ରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ଆଇଏମ୍‌ଏସ୍)ର ଉଭୟ ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଥିଲେ । ପୁରୁଷ ଫାଇନାଲ୍‌ରେ ଆଇଏମ୍‌ଏସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ୪୦-୩୧ରେ ପରାସ୍ତ କରିଥିବା ବେଳେ ମହିଳା ଫାଇନାଲ୍‌ରେ ଡାକ୍ତରୀ ଛାତ୍ରୀମାନେ ଆଇଟିଇଆର୍‌କୁ ୧୬ -୧୨ରେ ପରାସ୍ତ କରିଥିଲେ ।

ପୁରୁଷ କ୍ରିକେଟ ଫାଇନାଲ୍‌ରେ ଆଇଟିଇଆର୍‌ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନିୟରିଂ ବିଭାଗର ଖେଳାଳୀମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ ( ଆଇବିସିଏସ୍) କୁ ୫ ୱିକେଟ୍‌ରେ ପରାସ୍ତ କରିଥିବା ବେଳେ ମହିଳା କ୍ରିକେଟରେ ଆଇଏଏସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) କୁ ୪୬ ରନ୍‌ରେ ପରାସ୍ତ କରିଥିଲା ।

ଆଇଏଏସ୍‌ର ଛାତ୍ରମାନେ ସଫ୍ଟବଲ୍ ଫାଇନାଲ୍‌ରେ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍)କୁ ୭-୨ରେ ପରାସ୍ତ କରିଥିବା ବେଳେ ମହିଳା ସଫ୍ଟବଲ ପ୍ରତିଯୋଗିତାରେ ସ୍ନିଲ୍ ଆଇଏଏସ୍‌କୁ ୨୬ -୧୭ରେ ପରାସ୍ତ କରିଥିଲା । ସେହିପରି ଥ୍ରୋ ବଲ୍ ମହିଳା ଫାଇନାଲ୍‌ରେ ଆଇଟିଇଆର୍ ଏସ୍‌ଏନ୍‌ସିକୁ ୨-୦ରେ ପରାସ୍ତ କରିଥିଲା ।

ଭଲିବଲ୍‌ରେ କମ୍ପ୍ୟୁଟର ସାଇନ୍ସ ଇନିୟରିଂ ବିଭାଗ ଆଇବିସିଏସ୍‌କୁ ୩-୧ ସେଟ୍‌ରେ ପରାସ୍ତ କରି ପୁରୁଷ ଟାଇଟଲ୍ ହାସଲ କରିଥିବା ବେଳେ ଟେନିସ୍ ପୁରୁଷ ଫାଇନାଲ୍‌ରେ ଆଇଏମ୍‌ଏସ୍‌ର ଅମିତୋଜ୍ ସିଂ ସଚଦେବ ଏସ୍‌ପିଏସ୍‌ର ଜୟଦୀଶ ଚାନ୍ଦ ଙ୍କୁ ୬-୦,୬-୩ ସେଟ୍‌ରେ ପରାସ୍ତ କରି ଟାଇଟଲ୍ ବିଜୟୀ ହୋଇଥିଲେ ।

ଉଭୟ ପୁରୁଷ ଓ ମହିଳା ଖୋ ଖୋ ଫାଇନାଲ୍‌ରେ ଆଇବିସିଏସ୍ ଆଇଏଏସ୍ କୁ ପରାସ୍ତ କରି ବିଜୟୀ ହୋଇଥିବା ବେଳେ କବାଡି ପୁରୁଷ ଓ ମହିଳା ପ୍ରତିଯୋଗିତାରେ ସିଏସ୍‌ଇ (ଆଇଟିଇଆର୍) ଓ ଆଇଟିଇଆର ଯଥାକ୍ରମେ ଏସ୍‌ପିଏସ୍ ଓ ଆଇଏଏସ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା । ସେହିପରି ପୁରୁଷ ଟେବୁଲ୍ ଟେନିସ୍‌ରେ ସିଏସ୍‌ଇର ଅବିନାଶ ତ୍ରିପାଠୀ ଆଇଏଏସ୍‌ର ବିନାୟକ ପଣ୍ଡିତ୍‌ଙ୍କୁ ପରାସ୍ତ କରି ହୋଇଥିବା ବେଳେ ମହିଳା ଟେବୁଲ୍ ଟେନିସ୍‌ରେ ସ୍ନିଲ୍‌ର ପାୟଲ ପାଣି ଏସ୍‌ପିଏସ୍‌ର ଆରୋହୀ ଆଚାର୍ଯ୍ୟଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ ।

ଚେସ୍‌ର ପୁରୁଷ ବିଭାଗରେ ସିଏସ୍‌ଇର ଆଦିତ୍ୟ ରନ ସାମଲ୍ ବିଜୟୀ ହୋଇଥିବା ବେଳେ ମହିଳା ବିଭାଗରେ ସ୍ନିଲ୍‌ର ସ୍ନେହା ବର୍ମା ବିଜେତା ହୋଇଥିଲେ ।

ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଆଇଟିଇଆର୍ ମେକାନିକାଲ୍ ଇନିୟରିଂ ବିଭାଗର ସର୍ତିକ ସତ୍ୟକାମ୍ ନାୟକ ବିଜୟୀ ହୋଇଥିଲେ ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆନ୍ତର୍ଜାତିକ ଭଲିବଲ୍ ଖେଳାଳୀ ଅନନ୍ୟା ଦାସ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ, ଆଇଏଏସ୍‌ର ପ୍ରଫେସର ଅଂଶୁମାନ ଜେନା ଓ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା ଉପସ୍ଥିତ ଥିଲେ ।

# ଦୀପ୍ତିଙ୍କ ହ୍ୟାଟ୍ରିକ୍ : ଦିଲ୍ଲୀକୁ ୧ ରନ୍‌ରେ ହରାଇଲା ୟୁପି

**ନୂଆଦିଲ୍ଲୀ**

ଚଳିତ ମହିଳା ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସକୁ ରୋମାଞ୍ଚକ ଭାବେ ୧ ରନ୍‌ରେ ହରାଇଛି । ୟୁପି ୱାରିୟର୍ଜ ୟୁପିର ୧୩୮ ରନ୍‌କୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୧ ବଲ ପୂର୍ବରୁ ୧୩୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା । ଶେଷ ଦୁଇ ଓଭରରେ ୬ ୱିକେଟ ହରାଇ ଦିଲ୍ଲୀ ସୁଯୋଗ ଛାଡ଼ି ଦେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିୟର୍ଜ ୧୩୮/୮ରେ ସୀମିତ ରହିଥିଲା । ଓପନର୍ ଆଲିସା ହିଲି (୩୦ ବଲ୍‌ରୁ ୨୯ ରନ୍) ଓ ଦୀପ୍ତି ଶର୍ମା (୪୮ ବଲରୁ ୫୯ ରନ୍) କେବଳ ଭଲ ଖେଳିଥିଲେ ଟିଟାସ ସିଦ୍ଧୁ ଓ ରାଧା ଯାଦବ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।



ଜବାବରେ ମେଗ ଲାନିଙ୍ଗଙ୍କ ବିସ୍ଫୋରକ ଅର୍ଦ୍ଧଶତକ (୪୬ ବଲ୍‌ରୁ ୬୦ ରନ୍) ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଭଲ ଆରମ୍ଭ କରିଥିଲା । ୧୯ତମ ଓଭରରେ ଦୀପ୍ତି ଶର୍ମା ୩ ୱିକେଟ୍ ଦଖଲ କରି ରୋମାଞ୍ଚ ଭରିବାରୁ ଶେଷ ଓଭରରୁ ୧୦ ରନ ଆବଶ୍ୟକ ଥିଲା । ହାରିସଙ୍କ ପ୍ରଥମ ବଲ୍‌କୁ ଛକା ମାରି ରାଧା ଯାଦବ ପୁଣି ମୋଡ଼ ଆଣିଥିଲେ । ହାରିସ କିନ୍ତୁ ୩ଟି ୱିକେଟ (ଗୋଟିଏ ରନ୍ ଆଉଟ୍) ବାହାର କରି ୟୁପିକୁ ବିଜୟୀ କରିଥିଲେ । ହ୍ୟାଟ୍ରିକ୍ ୱିକେଟ୍ ସହ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଦୀପ୍ତି ଶର୍ମା (୫୯ ରନ୍, ୪/୧୯) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ।

# ସବୁ ବିଭାଗର କାର୍ଯ୍ୟ ତଦାରଖ କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

**ବାଲେଶ୍ୱର, ନ୍ୟୁଜ୍**

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (କଟକ) ରଞ୍ଜନ କୁମାର ଦାସ ବାଲେଶ୍ୱର ଜିଲ୍ଲା ଗସ୍ତ କରି ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ମାନଙ୍କର ନିରୀକ୍ଷଣ ତଥା ସମୀକ୍ଷା ବୈଠକ କରିଛନ୍ତି । ଏହି ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଅପରାହ୍ଣ ଘଣ୍ଟାମି ସମୟରେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ ଆଶୀଷ ଠାକ୍‌ରେ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ନିରୀକ୍ଷଣରେ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିବା ସହିତ ସମସ୍ତ ରାଜସ୍ୱର ସଠିକ ପରିଚାଳନା କାର୍ଯ୍ୟ ବିଷୟରେ କମିଶନର ଶ୍ରୀ ଦାସ ସମସ୍ତ ଅଧିକାରୀଙ୍କ ଠାରୁ ସୂଚନା ଓ ମନ୍ତବ୍ୟ ନେଇଥିଲେ । ସମସ୍ତ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସଂକ୍ରାନ୍ତୀୟ ରାଜସ୍ୱ ବିଷୟରେ ବିବରଣୀ ନେବା ପରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ହେଉଥିବା ରାଜସ୍ୱ ବିଷୟରେ ସବିଶେଷ ବିବରଣୀ ନେଇଥିଲେ । ତତ୍ ସହିତ ଶ୍ରୀ ଦାସ ରାଜସ୍ୱକୁ ସଠିକ ଭାବେ ବିନିଯୋଗ କରିବା ପାଇଁ ସମସ୍ତ ସରକାରୀ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଜିଲ୍ଲାର ସମସ୍ତ ଅଧିକାରୀ, ଜଳସେଚନ ବିଭାଗୀୟ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ଏବଂ ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସମସ୍ତ ଉନ୍ନତି ମୂଳକ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହିତ ସେ ସମସ୍ତ କାର୍ଯ୍ୟ ଗୁଡିକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କିପରି ସମାପ୍ତ ହୁଏ ସେ ବିଷୟରେ ତଦାରଖ କରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଶ୍ରୀ ଦାସ ଜିଲ୍ଲାରେ ହୋଇଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସବିଶେଷ ବିବରଣୀ ନେବା ପରେ ଅନେକଗୁଡିଏ କାର୍ଯ୍ୟର ସଠିକ ଅଗ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ ।



# ୫୦ ତମ କେରଙ୍ଗ ଅହମଦୀୟା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଫୁଟବଲ ଆସୋସିଏସନ ପକ୍ଷରୁ ୫୦ ତମ ଅହମଦୀୟା ଫୁଟବଲ ଟୁର୍ଣ୍ଣାମେଣ୍ଟ ୧୦.୩.୨୪ ରିଖ ଠାରୁ ଆସନ୍ତା ତା ୧୭.୩.୨୪ ରିଖ ପର୍ଯ୍ୟନ୍ତ କେରଙ୍ଗ ଅହମଦୀୟା ଫୁଟବଲ ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଣ୍ଟରେ ୧.ଏସ.ଏସ.ଏ ଶରଧାପୁର ଖୋର୍ଦ୍ଧା ୨.ସାରଳା କ୍ଲବ ଗୁଣ୍ଡିଚାପଡା ୩.ୱକାଣ୍ଡା ଏଫ.ସି ନାଇଜେରିଆ ଭୁବନେଶ୍ୱର ୪.ଯୁବଜିତି କ୍ଲବ ପଙ୍କାଳ ୫.ଅହମଦୀୟା ଏଫ.ସି କେରଙ୍ଗ ୬.ସେଞ୍ଚୋରିଆନ ସ୍ପୋଟସ ଜଟଣୀ ୭.କଳିଙ୍ଗ ସ୍ପୋଟିଂ ଭୁବନେଶ୍ୱର ୮.ରଘୁନାଥ ଦେବ କ୍ଲବ ଟାଙ୍ଗୀ ଅଂଶ ଗ୍ରହଣ କରିବାକୁ ଯାଉଛନ୍ତି । ଉଦଘାଟନୀ ମ୍ୟାଚ ଏସ.ଏସ.ଏ ଶରଧାପୁର ଖୋର୍ଦ୍ଧା ଏବଂ ସାରଳା କ୍ଲବ ଗୁଣ୍ଡିଚାପଡା ମଧ୍ୟରେ ଖେଳାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।




# ମହିଳାମାନଙ୍କ ଉନ୍ନତି ବିନା ଦେଶର ପ୍ରଗତି ଅସମ୍ଭବ

**ବାଲେଶ୍ୱର**
**ନ୍ୟୁଜ୍**

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରି ଆମ ଜୀବନ ପାଇଁ ଆମେ ସବୁବେଳେ ଜଣେ ମହିଳା ଅର୍ଥାତ ଆମ ମାଙ୍କ ପାଖରେ ଋଣୀ ବୋଲି କହିଥିଲେ । ମହିଳାମାନେ ଜନସଂଖ୍ୟାର ୫୦ ପ୍ରତିଶତ ହୋଇଥିବା ବେଳେ ସେମାନଙ୍କ ଉନ୍ନତି ବିନା ଦେଶର ପ୍ରଗତି ସମ୍ଭବ ନୁହେଁ ବୋଲି ଶ୍ରୀ ନାୟକ ଦର୍ଶାଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ମହିଳାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଭବିଷ୍ୟତ ଗଠନ ଦିଗରେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କହିବା ସହ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ସୃଷ୍ଟି କରାଯାଇ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏବଂ ସଚେତନତା ମାଧ୍ୟମରେ ଜନମାନସକୁ ସେବା ଯୋଗାଇ ପାରିବେ ସେ ଦିଗରେ ଦୃଷ୍ଟି ଦେବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଏଫ.ଏମ ଜୁନିଅର କଲେଜର ପୂର୍ବତନ ଅଧ୍ୟକ୍ଷା ଡ଼. ସାନ୍ତ୍ୱନା ହାଲଦାର ଯୋଗ ଦେଇ ମା ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । ଆଜି ମହିଳାମାନେ ମହାକାଶକୁ ଯାତ୍ରା କରିବା ପାଇଁ ସକ୍ଷମ ହୋଇଥିବା ବେଳେ ମାତୃଶକ୍ତିକୁ ସମସ୍ତ ଶକ୍ତିର କେନ୍ଦ୍ରସ୍ଥଳୀ ଭାବେ ସେ ବର୍ଣ୍ଣନା କରିଥିଲେ । ମହିଳାମାନଙ୍କର ଯେଉଁ ତ୍ୟାଗ ଓ ସେବା ମନୋଭାବ ରହିଛି ତାହାର ସେ ପ୍ରଶଂସା କରିବା ସହିତ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ ଯୋଗ ଦେଇ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହୋଇଥିବା ବେଳେ ମହିଳାମାନେ ନିଜ ଅଧିକାର ପାଇଁ ସ୍ୱତଃ ପ୍ରବୃତ୍ତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଯେଉଁ ଅବଦାନ ରହିଛି, ଯେଉଁ ସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ସେ ସବୁ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଶିଖା ରାଣୀ ପୋଦ୍ଦାର ପ୍ରାରମ୍ଭିକ ଅଭିଭାଷଣ, କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।





# ରୂପାନ୍ତରିତ ଆଇଆରସି ସରକାରୀ ଉଚ୍ଚ ବିଦ୍ୟାଳୟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଶିକ୍ଷା ବିପ୍ଲବରେ ଆଉ ଏକ ଫର୍ଦ୍ଦ । ରୂପାନ୍ତରିତ ଭୁବନେଶ୍ୱର ନୟାପଲ୍ଲୀ ଆଇଆରସି ସରକାରୀ ଉଚ୍ଚ ବିଦ୍ୟାଳୟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟ ସରକାର ଏହାକୁ ଏକ ଡ୍ରିମ୍ ପ୍ରୋଜେକ୍ଟ ଭାବେ ନିର୍ମାଣ କରିଥିବା ବେଳେ ଏହି ଅତ୍ୟାଧୁନିକ ମଡେଲ୍ ସ୍କୁଲକୁ ଶନିବାର ଲୋକାର୍ପିତ କରିଛନ୍ତି ନବୀନ।



ସ୍କୁଲରେ ରହିଛି ୩୫ଟି ହାଇଟେକ କ୍ଲାସ ରୁମ । ଦୁଇ ହଜାର ପିଲା ପାଠ ପଢ଼ିବାର କ୍ଷମତା ରହିଛି । କ୍ଲାସରୁମରେ ସିସିଟିଭି, ସ୍ମାର୍ଟ ବୋର୍ଡ, ଭିଡିଓ କନ୍ଫରେନ୍ସିଂର ବ୍ୟବସ୍ଥା ରହିଛି । ଏହାସହ ୧୨ଟି ନୂତନ ଅତ୍ୟାଧୁନିକ ଶ୍ରେଣୀଗୃହ, ଇ-ଲାଇବେରୀ ଓ ବୈଜ୍ଞାନିକ ପ୍ରୟୋଗଶାଳା ନିର୍ମାଣ ହୋଇଛି । ଏପରିକି ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ବହୁ ସଂଖ୍ୟାରେ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି । ମଧ୍ୟାହ୍ନ ଭୋଜନ ପାଇଁ ଚକାଚକ ରୁମ ନିର୍ମାଣ ହୋଇଛି । ସ୍କୁଲର ବାର୍ଷିକ ଉତ୍ସବ ହେଉ ଅବା ସଭା, ସମିତି, ଏଥିପାଇଁ ତିଆରି ହୋଇଛି ମୁକ୍ତାକାଶ ରଙ୍ଗମଞ୍ଚ । ଶ୍ରେଣୀଗୃହର କାନ୍ଥରେ ଭାଷା, ସାହିତ୍ୟ ଓ ସଂସ୍କୃତିର କଥା। ପିଲାମାନଙ୍କ ପାଇଁ ଦୁଇଟି ସାଇକେଲ ଷ୍ଟାଣ୍ଡ ଓ ଛାତ୍ରୀ ନିବାସ ମଧ୍ୟ ନିର୍ମାଣ କରାଯାଇଛି ।

କେବଳ ପାଠ ପଢ଼ା ନୁହେଁ ଛାତ୍ରଛାତ୍ରୀଙ୍କ ଖେଳକୁଦରେ ଦକ୍ଷତା ବଢ଼ିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଫୁଟବଲ, ଟେନିସ୍ କୋର୍ଟ, ଭଲି ଓ କବାଡ଼ି ମଇଦାନ ନିର୍ମାଣ କରାଯାଇଛି । ଛାତ୍ରଛାତ୍ରୀଙ୍କ ମନରେ ଜୋସ ଭରିବା ପାଇଁ ଦେଶ ବିଦେଶର ଖେଳାଳିଙ୍କ ଚିତ୍ର କାନ୍ଥରେ ଅଙ୍କା ଯାଇଛି । ସେହିପରି ପିଲା ନିଜକୁ ଫିଟ୍ ରଖିବାକୁ ଜିମ୍ ଓ ସାଇକେଲିଂ ଟ୍ରାକ୍ ଓ ଜଗିଂ ଟ୍ରାକ୍ ପ୍ରସ୍ତୁତ କରାଯାଇଛି ।

୧୯୮୩ ମସିହାରେ ଆଇଆରସି ଭିଲେଜରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୧୭୦୦ ଟପିଲା ପରେ ଶ୍ରେଣୀ ଗୃହରେ ବସିବାକୁ ଅସୁବିଧ ହେଉଥିଲା । ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ୨୦୨୨ ମସିହାରେ ଏହି ସ୍କୁଲକୁ ପୁନଃ ନିର୍ମାଣ କରିବାକୁ ଯୋଜନା କରିଥିଲେ ରାଜ୍ୟ ସରକାର । ଏହି ସ୍କୁଲ ରାଜ୍ୟ ସରକାରଙ୍କ ସ୍ୱପ୍ନର ପ୍ରକଳ୍ପ ହୋଇଥିବା ବେଳେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂହ ବାରମ୍ବାର ଗସ୍ତ କରି କାର୍ଯ୍ୟର ସମୀକ୍ଷା କରିଥିଲେ ।

# ବିଭିନ୍ନ ବିଭାଗରେ ୧୨୯୪ ଅଧିକାରୀଙ୍କୁ ନିଯୁକ୍ତି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବିଭିନ୍ନ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାସହ ନବ ନିଯୁକ୍ତ କର୍ମଚାରୀଙ୍କୁ ଦିଗଦର୍ଶନ ଦେଇଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଗୃହ ବିଭାଗରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି । ଏହି ଅବସରରେ ଲୋକସେବା ଭବନ ସମ୍ମିଳନୀ କକ୍ଷ ଏବଂ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ ଜଣ କନିଷ୍ଠ ସହାୟକ, ଅର୍ଥ ବିଭାଗରେ ୧୭୭ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ ଜଣ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଅଧିକାରୀ, ୭ ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାର ନିଯୁକ୍ତି ପାଇଛନ୍ତି । ଅର୍ଥ ବିଭାଗରେ ମୋଟ ୨୮୦ ଜଣ ନୂତନ ଭାବେ ନିଯୁକ୍ତି ପାଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗରେ ୧୧୬ ଜଣ କନିଷ୍ଠ ସହାୟକ, ୫ଜଣ କନିଷ୍ଠ କିରାଣୀ ଓ ୮ ଜଣ କନିଷ୍ଠ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୋଟ ୧୨୯ ଜଣ ନୂତନ ଭାବେ ନିଯୁକ୍ତି ପାଇଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ରୀଡା ବିଭାଗରେ ୧୬୦ ଜଣ କୃତୀ କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦିଆଯାଇଛି । ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଗୃହ ବିଭାଗର ବିଭିନ୍ନ ପଦବୀରେ ନିଯୁକ୍ତି ପାଇଛନ୍ତି।

# ହଜିବାକୁ ବସିଲାଣି ତାରକସୀ କାମ : କାରିଗରଙ୍କୁ ମିଳୁନି ପ୍ରୋତ୍ସାହନ

**କଟକ, ୦୯/୦୩, ନ୍ୟୁଜ ବ୍ୟୁରୋ**

ହଜିବାକୁ ବସିଲାଣି କଟକର ତାରକସୀ କାମ । କାମ କରୁଥିବା କାରିଗରଙ୍କୁ ମିଳୁନି ପ୍ରୋତ୍ସାହନ ।ଜିଆଇ ମାନ୍ୟତା ପାଇଲା ପରେ ଏବେ ହବ୍ ପାଇଁ ହେଲାଣି ଦାବି । ଦିନେ ଥିଲା ହଜାର ବର୍ଷର ସହର କଟକର ଗଳିକନ୍ଦିରେ ଥିଲେ ରୂପା ତାରକସୀ କାରିଗର । ସୁନ୍ଦର ସୁନ୍ଦର ରୂପା ତାରକସୀ କାର୍ଯ୍ୟ କରି ଭଲ ବ୍ୟବସାୟ କରିବା ସାଙ୍ଗକୁ ପ୍ରଶଂସା ସାଉଁଟୁଥିଲେ । ପ୍ରଥମେ ମଧୁବାବୁ ଓ ପରେ ବିଜୁ ବାବୁ କଟକର ରୂପା ତାରକସୀ କାର୍ଯ୍ୟର ପ୍ରଚାର ପ୍ରସାର, ତାରକସୀ କାରୀଗରଙ୍କୁ ବଞ୍ଚେଇ ରଖିବା, କଟକକୁ ତାରକସୀ କାର୍ଯ୍ୟର ହବ କରିବା ଦେଖିଥିଲେ ସ୍ୱପ୍ନ। ଏଥିପାଇଁ ବିଂଶ ଶତାବ୍ଦୀରେ ଉତ୍କଳ ୱାର୍କ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିଥିଲେ ମଧୁବାବୁ । ତାହା ବନ୍ଦ ହେବା ପରେ ୧୯୬୨ ମସିହାରେ ତତ୍କାଳୀନ ଶିଳ୍ପମନ୍ତ୍ରୀ ବିଜୁ ପଟ୍ଟନାୟକ ଖପୁରିଆରେ ପ୍ରତିଷ୍ଠା କରିଥିଲେ କଳିଙ୍ଗ ଫିଲିଗ୍ରୀ ସମବାୟ ସମିତି । କଟକ ସହରର ରୂପା ତାରକସୀ କାରିଗର କାର୍ଯ୍ୟ କରିବା ସହ ଭଲ ରୋଜଗାର କରୁଥିଲେ । ତେବେ ତାହା ବନ୍ଦ ହେବା ପରେ ତାରକସୀ ପେଶାରୁ ଅନେକ କାରିଗର ଦୂରେଇ ଯାଇଛନ୍ତି । ସେମାନଙ୍କ ଭବିଷ୍ୟତ ପୀଢ଼ି ଆଉ ସେହି ପେଶାକୁ ଆସୁନାହାନ୍ତି । ସରକାରଙ୍କ ଉଦାସୀନତା ଯୋଗୁଁ ଏବେ କଟକ ସହରରେ ଖାଣ୍ଟି କଟକିଆ ରୂପା ତାରକସୀ କାରୁକାର୍ଯ୍ୟ ଧିମେଇ ଯାଇଛି। ଭଲ ବଜାର ନଥିବା ଏବଂ ପ୍ରୋତ୍ସାହନ ନମିଳିବା ଯୋଗୁଁ ଏହି ପେଶାରୁ ମୁହଁ ମୋଡ଼ି ଦେଇଛନ୍ତି ଅନେକ କାରିଗର । ଯାହାଫଳରେ ଏବେ କଟକ ବଜାରରେ କଲିକତା ରୂପା ତାରକସୀ ଅଳଙ୍କାର ବିକ୍ରୀ ହେଉଛି। ତଥାପି ଏମାନଙ୍କୁ ପ୍ରୋତ୍ସାହନ ମିଳିଲେ ଏହି କାର୍ଯ୍ୟକୁ ଜୋର୍ ଦିଆଯିବ। ଏ ନେଇ



କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗେଇ ଦିଆଯିବ ବୋଲି ଅର୍ଗସକୁ ପ୍ରତିକ୍ରିୟା ଦେଇ କହିଛନ୍ତି ମେୟର ସୁବାସ ସିଂ। ତରକାରୀ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାରଙ୍କ ତରଫରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

## ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି

# ଶ୍ରୀଲଙ୍କା ଯିବ ଓଡ଼ିଶାର ଏମ୍ଏସ୍ଏମ୍ଇ ଉତ୍ପାଦ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଡ଼ୋଶୀ ରାଜ୍ୟ ଏବଂ ଦେଶମାନଙ୍କ ସହ ଓଡ଼ିଶାର ରହିଥିବା ପ୍ରାଚୀନ ଐତିହାସିକ ନୌବାଣିଜ୍ୟ ପରମ୍ପରାର ପୁନରାବୃତ୍ତି ହେବାକୁ ଯାଉଛି । ପ୍ରଥମ ଥର ପାଇଁ ଓଡ଼ିଶାର ଏମ୍ଏସ୍ଏମ୍ଇ ଉତ୍ପାଦ ଜଳପଥରେ ଯାଇ ବିଦେଶ ବଜାରରେ ପହଞ୍ଚିବ । ଏଥିସହ ଖଣିଜ ଦ୍ରବ୍ୟ, କୃଷି ଉତ୍ପାଦ, ଇଲେକ୍ଟ୍ରୋନିକ୍ସ, ମସଲା ଓ ସାମୁଦ୍ରିକ ଖାଦ୍ୟ ବିଦେଶ ଯିବ। ଅପରପକ୍ଷେ ବିଦେଶରୁ ଦରକାରୀ ସାମଗ୍ରୀ ଓଡ଼ିଶାରେ ପହଞ୍ଚିବ।

ଆସନ୍ତା ମାସରୁ ପାରାଦୀପ ବନ୍ଦରରୁ ନୌ ବାଣିଜ୍ୟର ଏକ ନୂଆ ପରମ୍ପରା ଆରମ୍ଭ ହେବାକୁ ଯାଉଛି। ପାରାଦୀପ ବନ୍ଦର ଜରିଆରେ ପଣ୍ୟ ରପ୍ତାନୀ ଓ ଆମଦାନୀ ପାଇଁ ରାଜ୍ୟ ସରକାରଙ୍କ ସହ ହାତ ମିଳାଇଥିବା ବିଶ୍ୱର ବୃହତମ କଣ୍ଟେନର ସିପିଂ କମ୍ପାନୀ ଏମ୍ଏସ୍‌ସି ଜରିଆରେ ନୌ ବାଣିଜ୍ୟ ଆରମ୍ଭ ହେବ। ଗୋଟିଏ ଥରରେ ୨୫୦ ନିୟୁତ ଟନ୍ ସାମଗ୍ରୀ ରପ୍ତାନୀ ଓ ଆମଦାନୀ ହୋଇପାରିବ। ଅନ୍ତର୍ଜାତୀୟ ଜଳପଥରେ ରପ୍ତାନୀ ଓ ଆମଦାନୀ ପାଇଁ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ସରକାର କୌଣସି ପରିହନ କମ୍ପାନୀ ସହ ରାଜୀନାମା ସ୍ୱାକ୍ଷର କରିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏସ୍ଏମ୍ଇ) ଉତ୍ପାଦର ରପ୍ତାନୀ ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ପ୍ରଥମ ଥର ପାରାଦୀପରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ରପ୍ତାନୀ ଆରମ୍ଭ ହେବ।

ପାରାଦୀପ ବନ୍ଦରରେ ପଣ୍ୟ କାରବାର ୧୦୦ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚି ସାରିଥିବା ବେଳେ ଓଡ଼ିଶାର ଉତ୍ପାଦ ବିଦେଶ ମାଟିରେ ପହଞ୍ଚାଇବା ଲାଗି ରାଜ୍ୟ ସରକାର ନେଇଥିବା ପଦେକ୍ଷପ ସ୍ୱରୂପ ଏହି ପରିମାଣ ଆଗକୁ ଆହୁରି ବଢ଼ିବା ସମ୍ଭାବନା ଅଛି। ପରିବହନ ପାଇଁ କମ୍ପାନୀମାନଙ୍କୁ ୬୫% ରିହାତି ପ୍ରଦାନ କରାଯିବ। ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ୧୨୭,୦୦୦ କୋଟି ଟଙ୍କାର ଏମ୍ଏସ୍ଏମ୍ଇ ଉତ୍ପାଦ କାରବାର ହୋଇଥିଲା। ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଆଗକୁ ନେବ ବୋଲି କୁହାଯାଉଛି।

# ନବୀନ ଜିନ୍ଦଲଙ୍କ ଜନ୍ମଦିନକୁ ଫିଟନେସ୍ ଦିବସ ଭାବେ ପାଳନ କଲା ଜେଏସପି

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର କର୍ମଚାରୀ ଓ ଏହାର ବ୍ୟବସାୟିକ ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପକ୍ଷରୁ ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନକୁ ଫିଟନେସ୍ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜେଏସପି ଏବଂ ଏହାର ଶାଖା ଜେଏସପି ଫାଉଣ୍ଡେସନ ପକ୍ଷରୁ ମିନି ମାରାଥନ, ଯୋଗ ଶିବିର, ରକ୍ତଦାନ ଶିବିର ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶନିବାର ସକାଳେ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହନ, ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ମିନି ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ଅନ୍ୟାନ୍ୟ ଲୋକମାନେ ବହୁ ସଂଖ୍ୟାରେ ଯୋଗଦେଇ ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପ୍ରତି ସ୍ନେହ, ସମ୍ମାନ ଓ ସ୍ନେହ ବ୍ୟକ୍ତ କରିଥିଲେ। ଏହି ଅବସରରେ ପଙ୍କଜ ମାଲହନ କହିଛନ୍ତି, ନବୀନ ଜୀ ମୋ ସାମ୍ନାକୁ ଆସିଥିବା ସବୁଠାରୁ ଅଭିନବ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ। ରାଷ୍ଟ୍ର ଗଠନ ଏବଂ ଅର୍ଥନୈତିକ ଓ ସାମାଜିକ ବିକାଶରେ ଯୋଗଦାନ ପାଇଁ ସେ ଜଣେ ଦୃଢ଼ ଦୃଷ୍ଟିକୋଣ ରଖୁଥିବା ବ୍ୟକ୍ତି । ସାମାଜିକ ଓ ନିରନ୍ତର ବିକାଶ ପାଇଁ ସେ ସର୍ବଦା ଆଗ୍ରହୀ। ନବୀନ ଜୀ ସବୁବେଳେ କହନ୍ତି ଜେଏସପି କେବଳ ଏକ କମ୍ପାନୀ ନୁହେଁ; ଏହା ଏକ ପରିବାର ଯେଉଁଠାରେ ଆମେ ଏକାଠି କାମ କରୁ, ଏକାଠି ରହୁ ଏବଂ ଏକାଠି ସମୃଦ୍ଧ ହୋଇଥାଉ । ଜେଏସପି ଅନୁଗୁଳ ୟୁନିଟ୍ ତରଫରୁ ମୁଁ ତାଙ୍କ ସୁଖୀ ଓ ସମୃଦ୍ଧ ଜୀବନ କାମନା କରୁଛି। ସେହିପରି ଜେଏସପି ଫାଉଣ୍ଡେସନ ପକ୍ଷରୁ ଜିନ୍ଦଲ ଆଶା କେନ୍ଦ୍ର ଓ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଅନୁଗୁଳରେ ଦିବ୍ୟାଙ୍ଗ ପିଲାଙ୍କ ସହ ନବୀନ ଜିନ୍ଦଲଙ୍କ



ଜନ୍ମଦିନ ପାଳନ କରାଯାଇଛି। ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲର ଛାତ୍ରଛାତ୍ରୀ, ଉତ୍କଳ ବାଳାଶ୍ରମ ଅନୁଗୁଳର ଛାତ୍ରଛାତ୍ରୀମାନେ ନବୀନ ଜିନ୍ଦଲଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅଧିକ ସମାବେଶୀ କରି ଜେଏସପି ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜେଲର କଏଦୀଙ୍କ ପାଇଁ କ୍ୟାରମ୍ ବୋର୍ଡ, ଚେସ୍ ବୋର୍ଡ, ଲୁଡୋ, ୱାଟର ପ୍ୟୁରିଫାୟର କମ୍ କୁଲର, ଜରୁରୀକାଳୀନ ଚାର୍ଜିଂ ଲାଇଟ୍, ସିଲିଂ ଫ୍ୟାନ୍, ପେଡେଷ୍ଟଲ ଫ୍ୟାନ୍, ମ୍ୟୁଜିକ୍ ସିଷ୍ଟମ୍ ଭଳି ଅତ୍ୟାବଶ୍ୟକ ଖେଳ ଓ ଉପଯୋଗୀ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଦାମୋଦର ମିତ୍ତଲ, ଅତୁଲ ଦୁବେ, ଆରଭି ଶ୍ରୀଧର, ଶୁଭଦୀପ ଖାଁ, ଶ୍ୟାମ ମାହେଶ୍ୱରୀ, ଶରତ ପଣ୍ଡାଙ୍କ ସମେତ ଜେଏସପିର ଅନୁଗୁଳ ପରିଚାଳନା ଟିମର ସଦସ୍ୟମାନେ ନବୀନ ଜିନ୍ଦଲଙ୍କ ସୁସ୍ଥ ଓ ସମୃଦ୍ଧ ଜୀବନ କାମନା କରିଥିଲେ। ଜେଏସପି ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର କାର୍ଯ୍ୟାଳୟରେ କଳିଙ୍ଗ ହସ୍ପିଟାଲ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ ମିଠା ବଣ୍ଟନ କରାଯାଇଛି। କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସଭାପତି ପ୍ରଶାନ୍ତ ହୋତା କହିଛନ୍ତି ଯେ ନବୀନ ଜିନ୍ଦଲଙ୍କ ଦେଶ ପ୍ରତି ଅବଦାନକୁ ପରବର୍ତ୍ତୀ ପିଢ଼ି ସର୍ବଦା ମନେ ରଖିବ। ୩ଟି ପୂର୍ବାଞ୍ଚଳ ରାଜ୍ୟରେ ଶିଳ୍ପ ପାଇଁ ତାଙ୍କର ଅବଦାନ, ଇସ୍ପାତ ନିର୍ମାଣରେ କୋଇଲା ଗ୍ୟାସିଫିକେସନ୍ ପ୍ରଚଳନରେ ତାଙ୍କର ନେତୃତ୍ୱ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ପ୍ରଚଳନ ଅନ୍ୟ ଧାତୁ ଶିଳ୍ପ ପାଇଁ ବେଞ୍ଚ ମାର୍କ। ଖାଦ୍ୟ ନିରାପତ୍ତା ସଂକ୍ରାନ୍ତ ଘରୋଇ ବିଲ୍ ଆଗତ କରିବାରେ ସାଂସଦ ଭାବେ ନବୀନ ଜିନ୍ଦଲଙ୍କ ଭୂମିକା ଏବଂ ସଂସଦକୁ ଧୂମ୍ରପାନ ମୁକ୍ତ କରିବାରେ ତାଙ୍କର ଅଗ୍ରଣୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜଣେ ପୋଲୋ ପ୍ଲେୟାର ଏବଂ ସୁଟିଂ ଚାମ୍ପିୟନ୍ ଭାବେ ଶ୍ରୀ ଜିନ୍ଦଲ ଅନେକ ରେକର୍ଡ ସ୍ଥାପନ କରିଛନ୍ତି। ପ୍ରତିଦିନ ଭାରତୀୟ ନାଗରିକମାନଙ୍କୁ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ତାଙ୍କର ଏକମାତ୍ର ଦଶନ୍ଧିର ଆଇନଗତ ସଂଘର୍ଷ ତାଙ୍କୁ ଜଣେ ସମ୍ମାନଜନକ ଜାତୀୟ ବ୍ୟକ୍ତିତ୍ୱରେ ପରିଣତ କରିଛି ବୋଲି ଶ୍ରୀ ହୋତା କହିଛନ୍ତି। ଏହାବ୍ୟତୀତ ଅନୁଗୁଳର ଦେବଭୂମି ମନ୍ଦିର, ଭୁବନେଶ୍ୱରର ଶିବ ମନ୍ଦିର ଓ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ କର୍ମଚାରୀମାନେ ନବୀନ ଜିନ୍ଦଲଙ୍କ ଆଶୀର୍ବାଦ ନେଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ।

# ପୂର୍ବତଟ ରେଳପଥ ଓ ମହିଳା କଲ୍ୟାଣ ସଂଗଠନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହିତ ମିଳିତ ସହଯୋଗରେ ଶନିବାର ପୂର୍ବତଟ ରେଳପଥ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୪ ପାଳନ କରାଯାଇଛି। ମହିଳା ରେଳ କର୍ମଚାରୀଙ୍କୁ ସମ୍ବୋଧିତ କରି ଇକୋରୋ ସଭାପତି ଶ୍ରୀମତୀ ଦୁଃଖ୍ୟ ଶର୍ମା କହିଛନ୍ତି ଯେ, ପ୍ରତ୍ୟେକ ମହିଳା ନିଜର ଲୁକ୍କାୟିତ ଶକ୍ତି ଜାଣିବା ଉଚିତ୍ ଏବଂ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ଏବଂ ନିଜର ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ପାଇଁ ଆଗକୁ ବଢ଼ିବା ସହ ସମସ୍ତ ବାଧାବିଘ୍ନର ମୁକାବିଲା କରିବା ଉଚିତ୍ ।





ଶ୍ରୀମତୀ ଶର୍ମା ମଧ୍ୟ ଏହି ଅବସରରେ ଉଲ୍ଲେଖନୀୟ ରେଳବାଇ ମହିଳା କର୍ମଚାରୀଙ୍କୁ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଏମ କେ ବେହେରା କହିଛନ୍ତି ଯେ ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ଯୋଦ୍ଧା ଅଟନ୍ତି ଏବଂ ଭାରତୀୟ ରେଳବାଇର ପରିବର୍ତ୍ତନ ପାଇଁ ସେମାନଙ୍କ ଉଦ୍ୟମ କ୍ରମାଗତ ଭାବେ ଉଲ୍ଲେଖନୀୟ ଅଟେ ।

ଏହି ଅବସରରେ ମୋଟ ୭୬ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରର ପାରଦର୍ଶିତା ଓ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୧୪ ମହିଳା ରେଳ କର୍ମଚାରୀଙ୍କୁ ଇକୋରୋ ଦ୍ୱାରା ସମ୍ମାନିତ କରାଯାଇଥିଲା । ୩୨ ମହିଳା ରେଳ କର୍ମଚାରୀଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନ ପାଇଁ ଇକୋରୋ ଦ୍ୱାରା ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହା ବ୍ୟତୀତ, ପୂର୍ବତଟ ରେଳପଥ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୩୦ ମହିଳା ରେଳ କର୍ମଚାରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବ ଖୋର୍ଦ୍ଧା ରୋଡ, ୱାଲଟିୟର ଏବଂ ସମ୍ବଲପୁରର ରେଳ ମଣ୍ଡଳ ମୁଖ୍ୟାଳୟ ସହିତ ରେଳପଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମଧ୍ୟ ପାଳନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ ପ୍ରସ୍ତାବକୁ ...

ବିଦ୍ୟାଳୟରୁ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କ ପାଇଁ ଏକକାଳୀନ ୬ ଲକ୍ଷ ଓ ଅଣ କର୍ମଚାରୀଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ କ୍ୟାବିନେଟ ଅନୁମୋଦନ ମିଳିଛି । ଏହାସହ ବ୍ଲକ ଗ୍ରାଣ୍ଟ ସାମିଲ ହୋଇଥିବା କଲେଜରୁ ଅବସରପ୍ରାପ୍ତ ଅଧ୍ୟାପକ ମାନଙ୍କୁ ଏକକାଳୀନ ୧୦ ଲକ୍ଷ ଏବଂ କର୍ମଚାରୀ ମାନଙ୍କୁ ମିଳିବ ପାଞ୍ଚ ଲକ୍ଷ ଟଙ୍କା । ଏଥିରେ ୯୫୨ ଅଧ୍ୟାପକ ଓ ୧୦୨୫ କର୍ମଚାରୀ ଉପକୃତ ହେବେ । ଏଥିପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିବେ ୧୪୯ କୋଟି ୪୫ ଲକ୍ଷ ଟଙ୍କା। ଅନ୍ୟପଟେ ଏଲିମେଣ୍ଟାରୀ ଶିକ୍ଷକ କ୍ୟାଡର ପୁନର୍ଗଠିତ ହେବା ନେଇ ମଧ୍ୟ କ୍ୟାବିନେଟ୍ ନିଷ୍ପତ୍ତି ହୋଇଛି। ସେହିପରି ନୂଆ ଓ ଛାତ୍ର ବୃତ୍ତି ଯୋଜନାରେ ଉଚ୍ଚ ଶିକ୍ଷା ବିଭାଗ ସହିତ ଅନ୍ୟ ବିଭାଗର ୟୁଜି ଓ ପିଜି ଛାତ୍ରଙ୍କୁ ବୃତ୍ତି ପ୍ରଦାନ ପାଇଁ ଅନୁମୋଦନ ମିଳିଛି । ପୂର୍ବରୁ ଉଚ୍ଚ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳିବାର ବ୍ୟବସ୍ଥା ଥିବା ବେଳେ କୃଷି, ସଂସ୍କୃତି ଓ ସ୍ୱାସ୍ଥ୍ୟ ଭଳି ବିଭାଗ ଅଧୀନରେ ପଢୁଥିବା ୟୁଜି ଓ ପିଜି ଛାତ୍ରଙ୍କୁ ଏହି ସୁବିଧା ମିଳିବ । ସେହିପରି ରାଜ୍ୟରେ ନୂଆ ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ସହିତ ନୂଆ ନୂଆ ସ୍ଥାନକୁ ବିମାନ ଚଳାଚଳ ଆରମ୍ଭ ହେଉଛି। ତେବେ କେବଳ ବିମାନ ଚାଳନା ନୁହେଁ, ଏହି କ୍ଷେତ୍ରରେ କିପରି ସୁରକ୍ଷା ସୁନିଶ୍ଚିତ କରାଯିବ ସେନେଇ ଢେଙ୍କାନାଳ ବିରାଶାଳରେ ସ୍ଥାପନ ହେବ ବିଜୁ ପଟ୍ଟନାୟକ ଆଭିଏସନ ସେଣ୍ଟର। ଏଠାରେ ବିମାନ ଚାଳନା ସହ ସମ୍ପୃକ୍ତ ପ୍ରତ୍ୟେକ ଅଂଶୀଦାର ବିଭାଗର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ପାଇଲଟ୍, କ୍ୟାବିନ କ୍ରୁ ଆଦି ବିଭିନ୍ନ ପ୍ରକାର ଟ୍ରେନିଂ ଦିଆଯିବ । ଆଭିଏସନ ସେଣ୍ଟର ପାଇଁ ୫୬୨ କୋଟି ଟଙ୍କା ବ୍ୟୟ ହେବ। ଅନ୍ୟପଟେ ସବୁ ବ୍ଲକ ଓ ସବଡିଭିଜନରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆମ ବସଷ୍ଟାଣ୍ଡ ଯୋଜନାରେ ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର । ମୋଟ ୩୧୮ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୫ , ଦ୍ୱିତୀୟ ପର୍ଯ୍ୟାୟରେ ୧୩୩ ଓ ତୃତୀୟ ପର୍ଯ୍ୟାୟରେ ୧୩୦ ବସଷ୍ଟାଣ୍ଡ ନିର୍ମାଣ ହେବ। ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ମୌଜାରେ ଗୋପାଳ ଭବନ ପାଇଁ ୫ ଶହ ଡିସିମିଲ ଜମି ମାଗଣାରେ ପ୍ରଦାନ କରାଯାଇଛି । ମୁସଲିମ ସମ୍ପ୍ରଦାୟର ପ୍ରାର୍ଥନା ଗୃହ ପାଇଁ ୨୫୦ ଡିସିମିଲ ଜମି ମାଗଣା ଦିଆଯାଇଛି । ସେହିଭଳି ଭୁବନେଶ୍ୱର ଗଣ୍ଡମୁଣ୍ଡାରେ ହେବ ୟୁନିଟି ମଲ୍ । ରାଜ୍ୟର ହସ୍ତ ଶିଳ୍ପ ଓ ହସ୍ତ ତନ୍ତ ଉତ୍ପାଦ ସହ ଅନ୍ୟ ରାଜ୍ୟର ସ୍ୱତନ୍ତ୍ର ପ୍ରଡକ୍ଟ ଏହି ମଲ୍‌ରେ ବିକ୍ରି କରାଯିବ।

### ଆଗକୁ ରାଜ୍ୟର ...

ବୋଲି ସେ କହିଥିଲେ। ଆଗକୁ ରାଜ୍ୟର ସବୁ ସହରରେ ମୋ ବସ୍ ସେବା ସୁବିଧା ମିଳିବ ବୋଲି ସେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରରେ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇ କହିଲେ ଯେ ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ୍ ଭଳି ଏହି ମୋ ବସ ସେବା ନିଶ୍ଚିତ ଭାବେ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥାରେ ସୁବିଧା ଆଣିବ। ଆଜି ବିକାଶର ଧାରା ସମ୍ବଲପୁର ଜିଲ୍ଲାରେ ଜାରି ରହିଛି । ଏଥିପାଇଁ ଜିଲ୍ଲାବାସୀ ବହୁତ ଖୁସି । ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ସେ ଧନ୍ୟବାଦ ଜଣାଇଥିଲେ। ସେହିଭଳି ବ୍ରହ୍ମପୁରରେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ କହିଲେ ଯେ ବ୍ରହ୍ମପୁର ସହରରେ ପିଇବା ପାଣି ଠାରୁ ଆରମ୍ଭ କରି ଗମନାଗମନ ପାଇଁ ମୋ ବସ ପର୍ଯ୍ୟନ୍ତ ସମସ୍ତ ସୁବିଧା ମୁଖ୍ୟମନ୍ତ୍ରୀ ସହରବାସୀଙ୍କୁ ଯୋଗାଇ ଦେଇଛନ୍ତି। ସମାଜର ସମସ୍ତ ବର୍ଗର ଲୋକଙ୍କ କଲ୍ୟାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ରହିଛି। ଏହି ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁ ମୁଖ୍ୟମନ୍ତ୍ରୀ ଆଜି ବିଶ୍ୱ ଦରବାରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥାନନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରଠାରେ ଉପସ୍ଥିତ ରହି ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ଦେଇଥିଲେ।

# ୧୦୫୭ ହିତାଧିକାରୀଙ୍କୁ ବିଏସକେୱାଇ ନବୀନ କାର୍ଡ ବଣ୍ଟନ

**ଡୁଙ୍ଗୁରିପାଲି, ୯/୩ ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ବିଏସକେୱାଇ ନବୀନ କାର୍ଡ ବଣ୍ଟନ। ବ୍ଲକର ଏକ ହଜାର ୫୭ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ । ନବୀନ କାର୍ଡ ଯୋଗୁଁ ଉପକୃତ ହେବ ହିତାଧିକାରୀ । କାର୍ଡ ମାଧ୍ୟମରେ ପୁରୁଷ ଲୋକ ୫ ଲକ୍ଷ ଓ ମହିଳା ୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ଚିକିତ୍ସା ସୁବିଧା ମାଗଣାରେ ପାଇ ପାରିବେ । ପୂର୍ବରୁ ଗରିବ ଲୋକ ବେମାର ପଡ଼ିଲେ ଜମିବାଡି ବିକ୍ରି ହୋଇଯାଉଥିଲା । ହେଲେ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ବିଏସକେୱାଇ ନବୀନ କାର୍ଡ ଏବେ ଏମାନଙ୍କ ପାଇଁ ସଞ୍ଜିବନୀ ପାଲଟିଛି । କାର୍ଡ ପାଇବା ପରେ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି ଧନ୍ୟବାଦ। କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପକ୍ଷର ଠେଲା, ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁ, ସରପଞ୍ଚ ସଂଘ ସଭାପତି ମନୋଜ ପୁରୋହିତଙ୍କ ସମେତ ବିଡିଓ ବିପିନ ବିହାରୀ ଦୀପ ଅତିଥି ଭାବେ ଯୋଗ ଦେଇଥିଲେ ।

# ବିବାହ ମଣ୍ଡପରୁ ପୁଣି ଲୁଟ୍

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**

ପୁଣି ବିବାହ ମଣ୍ଡପରୁ ଲୁଟ୍। କଳ୍ପନା ଛକରେ ଥିବା ହୋଟେଲ କଳିଙ୍ଗ ଅଶୋକରେ ଏକ ବାହାଘର ହୋଇଥିଲା। ଏହି ସମୟରେ ଅଜଣା ଦୁର୍ବୃତ୍ତ ଆସି ସୁନା ଗହଣା, ଟଙ୍କା ଓ ଗିଫ୍ଟ ନେଇଯାଇଥିବା ଅଭିଯୋଗ ହୋଇଛି। ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା, ଗିଫ୍ଟ ଚୋରି ଅଭିଯୋଗ ନେଇ ଝିଅର ବାପା ବଡଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ ।

ଭୁବନେଶ୍ୱର
୧୦ ମାର୍ଚ୍ଚ
ରବିବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24








**ଭୁବନେଶ୍ୱର :** କଳିଙ୍ଗ ଷ୍ଟାଡିୟମରେ ଭାରତର ପ୍ରଥମ ଇଣ୍ଡୋର ଆଥ୍‌ଲେଟିକ୍ ସେଣ୍ଟର ଏବଂ ଷ୍ଟେଟ୍-ଅଫ୍-ଆର୍ଟ୍ ଇଣ୍ଡୋର ଆକ୍ୱାଟିକ୍ ସେଣ୍ଟରକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।
(ଫଟୋ : ସମ୍ବାଦ କଳିକା)

# ଭିନ୍ନ ଲୁକ୍‌ରେ ପ୍ରଧାନମନ୍ତ୍ରୀ : ହାତୀ ପିଠିରେ ବସି ବୁଲିଲେ ମୋଦି





**ଆସାମ, ୯/୩**
ହାତରେ କ୍ୟାମେରା, ମୁଣ୍ଡରେ କ୍ୟାପ୍। ଭିନ୍ନ ଲୁକ୍‌ରେ ନଜର ଆସିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ହାତୀ ଉପରେ ବସି ବୁଲିବା ସହ ତାକୁ ଖୁଆଇଲେ ଆଖୁ। କେବଳ ସେତିକି ନୁହେଁ ଜିପ୍‌ରେ ବସି ଜଙ୍ଗଲ ସଫାରୀର ନେଲେ ମଜା। ଆସାମର କାଜିରଙ୍ଗା ପାର୍କ ପରିଦର୍ଶନ କରିବା ବେଳେ ମୋଦିଙ୍କ ଏହି ଭିନ୍ନ ଅନ୍ଦାଜ ସାମ୍ନାକୁ ଆସିଛି।
ଶନିବାର ସକାଳୁ ସକାଳୁ ମୋଦି କାଜିରଙ୍ଗା ନ୍ୟାସନାଲ ପାର୍କ ଆଣ୍ଡ ଟାଇଗର ରିଜର୍ଭରେ ପହଞ୍ଚିଥିଲେ। କାଜିରଙ୍ଗାକୁ ମୋଦିଙ୍କ ଏହା ପ୍ରଥମ ଗସ୍ତ। ଏହି ସମୟରେ ମୋଦି ହାତୀ ପିଠିରେ ବସିଛନ୍ତି। କେବଳ ସେତିକି ନୁହେଁ ହାତୀକୁ ଆଖୁ ମଧ୍ୟ ଖୁଆଇଥିଲେ। ଏଥିସହ ଜିପ୍‌ରେ ବସି ଜଙ୍ଗଲ ସଫାରୀ ପରିଭ୍ରମଣ କରିଛନ୍ତି ମୋଦି।
କାଜିରଙ୍ଗା ଅଭୟାରଣ୍ୟରେ ପ୍ରାୟ ଦୁଇ ଘଣ୍ଟା ରହିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ କାଜିରଙ୍ଗା ପାର୍କର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଥିଲେ। ଶୁକ୍ରବାର ଠାରୁ ମୋଦି କାଜିରଙ୍ଗା ଜାତୀୟ ଉଦ୍ୟାନରେ ରହିଥିଲେ। ଆସାମ ଗସ୍ତ ପରେ ମୋଦି ଅରୁଣାଚଳ ପ୍ରଦେଶ ଗସ୍ତ କରିଛନ୍ତି।

# ରଥଯାତ୍ରା ରତ୍ନଭଣ୍ଡାର ଗଣତି ପାଇଁ ଉପଯୁକ୍ତ ସମୟ'



**ପୁରୀ, ୯/୩ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଓ ଏହାର ମରାମତି ନେଇ ଆଲୋଚନା ହୋଇଛି। ରତ୍ନଭଣ୍ଡାର ତଦାରଖ କମିଟି ବୈଠକରେ ଏହି ଆଲୋଚନା ହୋଇଛି। ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆଲୋଚନା ବୈଠକ ପରେ ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି, ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ୧୯୭୮ ମସିହାରେ କରାଯାଇଥିବା ଗଣତି ତାଲିକା ଉପରେ ଆଲୋଚନା କରାଯାଇଛି । ରତ୍ନଭଣ୍ଡାର ଭିତରକୁ ଯିବା ପାଇଁ କେତେବେଳେ ଉପଯୁକ୍ତ ହେବ ସେ ନେଇ ଅନୁଧ୍ୟାନ କରାଯାଇଛି । ରଥଯାତ୍ରା ବେଳେ ଗଣନା ପାଇଁ ଉପଯୁକ୍ତ ସମୟ ରହିବ । ୧୯୭୮ ମସିହାରେ ଗଣତି ପାଇଁ ୪ମାସ ଲାଗିଥିଲା । ୧୯୮୫ ମସିହା ପରଠୁ ଆଉ କିଛି ଗଣନା ହୋଇନି। ଆବଶ୍ୟକ ପଡ଼ିଲେ ଗଣତି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ । କ୍ୟାମେରା ଲଗାଯାଇ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଲୋଚନା କରାଯାଇଛି ।

# ମେଣ୍ଟ ହେଉ କି ନ ହେଉ, ବିଜେଡ଼ି ୧୧୦ରୁ ଅଧିକ ସିଟ୍‌ରେ ଜିତିବ : ନୃସିଂହ ସାହୁ

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**
ଦିଲ୍ଲୀରୁ ଫେରି ମେଣ୍ଟ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ଦିଲ୍ଲୀରେ ମେଣ୍ଟକୁ ନେଇ କୌଣସି ଚର୍ଚ୍ଚା କିମ୍ବା ଆଲୋଚନା ହୋଇନାହିଁ ବୋଲି କହିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ମେଣ୍ଟ ବାବଦରେ ଆମେ ଶୁଣୁଛୁ। ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେବେ। ମେଣ୍ଟ ହେଉ କି ନହେଉ, ବିଜେଡ଼ି ୧୧୦ରୁ ଅଧିକ ସିଟ୍‌ରେ ଜିତିବାର ଅଛି। ଶନିବାର ଏପରି କହିଛନ୍ତି ବିଜେଡି ବିଧାୟକ ନୃସିଂହ ଚରଣ ସାହୁ। ସେ ଆହୁରି କହିଛନ୍ତି, ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ଜନତାଦଳ ମେଣ୍ଟ କରିବା ପାଇଁ ରାଜି ହୋଇଛି। କେନ୍ଦ୍ର ସହିତ ଭଲ ସଂପର୍କ



ରହିଲେ ବିଭିନ୍ନ ସୁବିଧା ମିଳିବ। ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଚାଲିଛି। ମେଣ୍ଟ ଦ୍ୱାରା କିଛି ଲୋକଙ୍କ ଟିକେଟ କଟିବ। ହେଲେ ବିଦ୍ରୋହୀ ହେବେନି। କିଛି ଦିନ ତଳେ ପରଜଙ୍କୁ ରାଜ୍ୟ ସରକାର ଏନଏସି ଘୋଷଣା କରିଥିଲେ। ଏଥିପାଇଁ ଧନ୍ୟବାଦ ଦେବାକୁ ନବୀନ ନିବାସ ଆସିଥିଲେ ବିଧାୟକ ନୃସିଂହ ଚରଣ ସାହୁ। ଏହି ଆଳରେ ସେ ନିଜ ସମର୍ଥକଙ୍କୁ ଆଣି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଅପରପକ୍ଷେ ଦିଲ୍ଲୀରୁ ଫେରି ମେଣ୍ଟ ଚର୍ଚ୍ଚାକୁ ଖଣ୍ଡନ କରିବା ସହ ଦିଲ୍ଲୀରେ ମେଣ୍ଟକୁ ନେଇ କୌଣସି ଚର୍ଚ୍ଚା କିମ୍ବା ଆଲୋଚନା ହୋଇନାହିଁ ବୋଲି କହିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଶନିବାର ପୁଣି ଭଦ୍ରକ ଗସ୍ତବେଳେ ଏହି ମନ୍ତବ୍ୟକୁ ଦୋହରାଇବା ସହ କହିଛନ୍ତି, ରାଜ୍ୟରେ କିଏ ମେଣ୍ଟ ସଂପର୍କରେ ପ୍ରଚାର କରୁଛି ତା'ର ମୂଳକୁ ଧରିବାକୁ ପଡ଼ିବ। ଏହି ଚର୍ଚ୍ଚା ଯିଏ ଆରମ୍ଭ କରିଛି ସିଏ ହିଁ ତା'ର ଉତ୍ତର ଦେଇପାରିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ରାଜ୍ୟ ବିଜେପି ସଭାପତି। ଆସନ୍ତା ନିର୍ବାଚନରେ ଓଡ଼ିଶାରେ ପଦ୍ମ ଫୁଲର ଲହର ଖେଳିବ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ୍ ସିଂ ତୋମାର କହିଛନ୍ତି, ମେଣ୍ଟ ନେଇ କୌଣସି ଅଲୋଚନା ହୋଇନି। ଆମେ ରାଜ୍ୟର ସବୁ ସିଟ୍‌ରେ ଲଢ଼ିବାକୁ ପ୍ରସ୍ତୁତି ଜାରି ରଖିଛୁ। ବିଧାନସଭାରେ ୮୦ରୁ ଅଧିକ ସିଟ୍ ପାଇ ସରକାର ଗଢ଼ିବୁ। ଲୋକସଭାରେ ୧୬ରୁ ଅଧିକ ସିଟ୍‌ରେ ବିଜୟୀ ହେବୁ।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୯/୩**
ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ ଶନିବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଇସ୍ତଫାର କୌଣସି କାରଣ ସେ ଜଣାଇ ନାହାଁନ୍ତି। ତାଙ୍କର ଇସ୍ତଫା ପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିନେଇଛନ୍ତି।

## ଦମ୍ପତିଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ନକ୍ସଲ

**କନ୍ଧମାଳ, ୯/୩ ନ୍ୟୁଜ ବ୍ୟୁରୋ**
ନକ୍ସଲଙ୍କ ବର୍ବର କାଣ୍ଡ। ପୁଲିସ ଇନଫର୍ମର ସନ୍ଦେହରେ ଘରୁ ଉଠାଇ ନେଇ ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଗିଡାପଦର ଗ୍ରାମରେ। ମୃତ ଦମ୍ପତି ହେଲେ ଡାହିରା କହଁର ଓ ବତସୀ କହଁର। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ କିଛି ନକ୍ସଲ ଆସି ଦମ୍ପତିଙ୍କୁ ଘରୁ ଉଠାଇ ନେଇଥିଲେ। ଶନିବାର ସକାଳେ ଦମ୍ପତିଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ନକ୍ସଲମାନେ ସେମାନଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ବାଡ଼େଇ ବାଡ଼େଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ନକ୍ସଲ ଦମ୍ପତିଙ୍କୁ ହତ୍ୟା କରି ଜଙ୍ଗଲରେ ପକାଇ ଦେବା ପରେ ଅଞ୍ଚଳବସୀ ଭୟଭୀତ ହୋଇପଡ଼ିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

## ଲଘୁ ବନଜାତ ଦ୍ରବ୍ୟ କ୍ରୟ ପାଇଁ "ଲାଭ" ଯୋଜନାର ଶୁଭାରମ୍ଭ




**କନ୍ଧମାଳ, ୯/୩ ନ୍ୟୁଜ ବ୍ୟୁରୋ**
ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ପୁଣି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଲଘୁ ବନଜାତ ଦ୍ରବ୍ୟ କ୍ରୟ ପାଇଁ "ଲାଭ" ଯୋଜନାର ଶୁଭାରମ୍ଭ ହୋଇଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଯୋଜନାର ଶୁଭାରମ୍ଭ କରାଯାଇଛି। ଉପଜିଲ୍ଲାପାଳ ଡକ୍ଟର ରୀନା ପ୍ରଧାନ ସବୁଜ ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏସଏଚଜି ମହିଳାମାନଙ୍କୁ ଏହି ଯୋଜନା ସମ୍ପର୍କ ଅବଗତ କରାଯାଇଛି। ମହିଳାମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଲକ୍ଷ୍ୟ କରାଯାଇଛି। ଚଳିତ ବର୍ଷ ଆଦିବାସୀ ଭାଇ ଭଉଣୀ ମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଲଘୁ ବନଜାତ ଦ୍ରବ୍ୟ କ୍ରୟ ନିମନ୍ତେ ସରକାର ନିଜସ୍ୱ ଶତ ପ୍ରତିଶତ ଯୋଜନା "ଲାଭ" ପ୍ରଚଳନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି, ବନ ଧନ ବିକାଶ କେନ୍ଦ୍ର ଇତ୍ୟାଦିମାନଙ୍କୁ ପ୍ରାଥମିକ କ୍ରୟ ସଂସ୍ଥା ରୂପେ ନିୟୋଜନ କରାଯିବ। ଅନଲାଇନ୍ L-PASS ମାଧ୍ୟମରେ ଆଦିବାସୀ ଓ ସ୍ଥାନୀୟ ସଂଗ୍ରହକାରୀଙ୍କ ଠାରୁ ଲଘୁ ବନଜାତ ଦ୍ରବ୍ୟ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ କ୍ରୟ କରାଯିବ। ସଂଗ୍ରହକାରୀଙ୍କ ଉଚିତ୍ ମୂଲ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ମହିଳାଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଉପଜିଲ୍ଲାପାଳ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।


**ପ୍ରକାଶ ପାଇବାକୁ ଯାଉଛି...**
**'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪**




### ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି।
**ଅନ୍ୟଭାଷାର କଥା :** ସୁପ୍ରଭା ରାୟ, ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର । |
|---|---|
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ – (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୭୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ) |


# ନୂଆ ରୂପ ପାଇବ ୱାକଫ ଭବନ, ପଡ଼ିଲା ଭିତ୍ତିପ୍ରସ୍ତର



**କଟକ, ୯/୩ ନ୍ୟୁଜ ବ୍ୟୁରୋ**
ମୁସଲମାନ ସଂପ୍ରଦାୟଙ୍କ ବହୁ ପ୍ରତିକ୍ଷିତ ୱାକଫ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା କଟକ ପୁରୁଣା ସଚିବାଳୟ ପରିସର ଭବନରେ ଏହି ଶିଳାନ୍ୟାସ କରିଛନ୍ତି । ୧୯୫୯ ମସିହାରୁ ପୁରୁଣା ବିଲଡିଂରେ ଜରାଜୀର୍ଣ୍ଣ ଅବସ୍ଥାରେ ଚାଲିଥିଲା ୱାକଫ ବୋର୍ଡ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହାକୁ ବିଚାର କରି ୬ କୋଟି ୭୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଦେଇଥିଲେ । ଏଥିରେ ଖୁବ୍‌ଶୀଘ୍ର ୫ ମହଲା ବିଶିଷ୍ଟ ନୂଆ ଅଟ୍ଟାଳିକା ନିର୍ମାଣ ହେବ । ଆଉ ହଜ ଯିବା ପାଇଁ କାଗଜପତ୍ର କରିବାରେ ହେବନି ସମସ୍ୟା । ସୂଚନାଯୋଗ୍ୟ, ୱାକଫ ବୋର୍ଡ ବକ୍ସିବଜାର ପୁରୁଣା ସଚିବାଳୟ ପରିସରରେ କାର୍ଯ୍ୟ କରି ଆସୁଥିଲା । ୧୯୯୯ ମହାବାତ୍ୟା ଓ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଏହି ପୁରୁଣା ଘର ଭାଙ୍ଗିରୁଜି ଯାଇଥିଲା । ତେବେ ମୁସଲମାନ ଭାଇମାନଙ୍କ ସମସ୍ୟାର ସମାଧାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ନୂଆ ବିଲଡିଂ ପାଇଁ ମଞ୍ଜୁର ହୋଇଛି ଟଙ୍କା । ଏଥିପାଇଁ ସମସ୍ତଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ । ନୂଆ ରୂପ ପାଇବା ସହ ୱାକଫ ଭବନ ପାଇଁ ୫ ମହଲା ନୂଆ କୋଠା ନିର୍ମାଣ ହେବ। ଏଥିରେ ୱାକଫ ବୋର୍ଡ ଅଫିସ, ୱାକଫ ବୋର୍ଡ ଟ୍ରିବ୍ୟୁନାଲ, କନଫରେନ୍ସ ହଲ୍, ରେକର୍ଡ ରୁମ୍ ରହିବ । ହଜ ବେଳେ ଏଠାରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯିବ। ଚଳିତବର୍ଷ ରାଜ୍ୟ ସରକାର ୱାକଫ ଅନୁଷ୍ଠାନର ସହାୟତା ପାଇଁ ୧୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାର ୪୪୫ଟି ୱାକଫ ଅନୁଷ୍ଠାନକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ମାର୍ଚ୍ଚ ୧୫ରୁ ମାଟ୍ରିକ ଖାତାଦେଖା

**କଟକ, ୦୯/୦୩ ନ୍ୟୁଜ ବ୍ୟୁରୋ**
ଆସନ୍ତା ୧୫ରୁ ଆରମ୍ଭ ହେବ ମାଟ୍ରିକ ଖାତାଦେଖା ପ୍ରକ୍ରିୟା । ୧୪ ତାରିଖରୁ ନିୟୋଜିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ମୂଲ୍ୟାୟନ କେନ୍ଦ୍ରରେ ରିପୋର୍ଟ କରିବେ । ପ୍ରାୟ ୧୬ ହଜାର ଶିକ୍ଷକ ଶିକ୍ଷୟିତ୍ରୀମାନେ ଖାତା ଦେଖାରେ ସାମିଲ ହେବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ସଠିକ ମୂଲ୍ୟାୟନ ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷକରି ନିର୍ଭୁଲ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ବୋର୍ଡ ପରାମର୍ଶ ଦେଇଛି । ୧୨ରୁ ୧୫ ଦିନ ମଧ୍ୟରେ ଖାତାଦେଖା ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ପୂର୍ବରୁ ମୂଲ୍ୟାୟନ ଶେଷ କରାଯିବ । ଯେଉଁ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଖାତା ଦେଖାରେ ସାମିଲ ହେବେ, ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି । ମୂଲ୍ୟାୟନ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ଏବଂ ଫ୍ୟାନର ବ୍ୟବସ୍ଥା କରିବାକୁ ମଧ୍ୟ ବୋର୍ଡ ପରାମର୍ଶ ଦେଇଛି । ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା। ୩ ହଜାର ୦୪୭ଟି କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୨ ହଜାର ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । କପି ରୋକିବା ପାଇଁ ବୋର୍ଡ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲା। ଇଓ ସହାୟତାରେ ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ପରିଚାଳନା କରାଯାଇଥିଲା । ଏଥର ଯେପରି କୌଣସି ପରୀକ୍ଷା କେନ୍ଦ୍ରରେ ବିଶୃଙ୍ଖଳା ନହୁଏ ସେଥିପାଇଁ ପୁରା ଦମ ଲଗାଇ ଦେଇଥିଲେ ବୋର୍ଡ କର୍ତ୍ତୃପକ୍ଷ । କପି ରୋକିବା ହେଉ କିମ୍ବା ପ୍ରଶ୍ନପତ୍ର ଭାଇରାଲ ହେଉ, ଏହି ନୂଆ ଟେକ୍ନୋଲୋଜି ବ୍ୟବହାର କରି ପରୀକ୍ଷା ପ୍ରକ୍ରିୟାକୁ ପରିଚାଳନା କରିଛି ବୋର୍ଡ । ଏଥିପାଇଁ ଇଓ ବା ଆର୍ଟିଫିସିଆଲ ଇଣ୍ଟେଲଜେନ୍ସର ସହାୟତା ନେଇଛି ବୋର୍ଡ। ଏହି ନୂଆ ବ୍ୟବସ୍ଥାରେ ବୋର୍ଡକୁ ମିଳିଛି ଫାଇଦା। ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ଠାବ କରିବାରେ ସକ୍ଷମ ହୋଇଛି ବୋର୍ଡ । ବିଶେଷକରି ପରୀକ୍ଷା ହଲ ଭିତରେ ବେଞ୍ଚ, ଡେସ୍କ ବ୍ୟବସ୍ଥିତ ଭାବରେ ନପଡିବା, ପ୍ରବେଶ କେନ୍ଦ୍ରରେ ସଠିକ ଭାବରେ ଯାଞ୍ଚ ନକରିବା ଆଦି ପ୍ରସଙ୍ଗକୁ ଗୁରୁତର ସହ ନେଇଥିଲା ବୋର୍ଡ । ଏନେଇ ବୋର୍ଡ ସଭାପତି ଅସନ୍ତୋଷ ଜାହିର କରିବା ସହ ଏହା ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ସଜାଗ ରହିବାକୁ ସମ୍ପୃକ୍ତ ଜିଲ୍ଲାର DEOମାନଙ୍କୁ କଡ଼ା ଚେତାବନୀ ବି ଦେଇଥିଲେ। ବିଭିନ୍ନ କେନ୍ଦ୍ରରେ ଚାଲୁଥିବା ପରୀକ୍ଷାର ସମୀକ୍ଷା କରିଥିଲେ ବୋର୍ଡ କର୍ତ୍ତୃପକ୍ଷ ।

# ବଢ଼ିଲା ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଦରମା

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**
ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି ନେଇ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ସରକାରଙ୍କ ଏହି ପ୍ରୋତ୍ସାହନ ଅର୍ଥରାଶି ବୃଦ୍ଧି ଯୋଗୁଁ ମିଶନ ଶକ୍ତିର ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ। ରାଜ୍ୟରେ ମହିଳା ସଶକ୍ତିକରଣରେ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି। ମିଶନ ଶକ୍ତି ଅଧୀନରେ ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା MBK, CRP-CM, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ଜୀବିକା ସହାୟିକା କାର୍ଯ୍ୟରତ ଅଛନ୍ତି । ଏହି ନୂତନ ଘୋଷଣା ଅନୁଯାୟୀ ମିଶନ ଶକ୍ତି ଅଧୀନରେ ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଉପକୃତ ହେବେ । ଉକ୍ତ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ୨୦୨୩ ମସିହା ଅକ୍ଟୋବର ମାସଠାରୁ ପିଛିଲାଭାବେ ଲାଗୁ କରାଯିବ। MBK, ବ୍ୟାଙ୍କ ମିତ୍ର ଏବଂ ଜୀବିକା ସହାୟିକାମାନେ ମାସିକ ୬୭୫୦ ଟଙ୍କାରୁ ୧୦୭୫୦ ଟଙ୍କା ପାଇବେ। କୃଷି ମିତ୍ର ଓ ପ୍ରାଣୀ ମିତ୍ର ମାସିକ ୩୭୫୦ ଟଙ୍କା ପରିବର୍ତ୍ତେ ମୋଟ ୬୨୫୦ ଟଙ୍କା ପାଇବେ। CRP-CM ଏବେ ମାସକୁ ମୋଟ ୩୬୦୦ ଟଙ୍କା ପରିବର୍ତ୍ତେ ୬୧୦୦ ଟଙ୍କା ପାଇବେ। ଉପରୋକ୍ତ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ପିଛିଲା ଭାବେ ଅକ୍ଟୋବର, ୨୦୨୩ରୁ ପ୍ରଦାନ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏବାବଦକୁ ରାଜ୍ୟ ସରକାର ୯୬.୫୧ କୋଟି ଅତିରିକ୍ତ ଅର୍ଥ ରାଶିର ବ୍ୟୟ ବରାଦ କରିଛନ୍ତି । ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ତାଙ୍କୁ ଭେଟି ସେମାନଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି ବିଷୟରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।